


ପାଆନ୍ତୁ 50% ପର୍ଯ୍ୟନ୍ତ ଛାଡ଼ ଗ୍ରୋସରୀ ଉପରେ

ଅବିଶ୍ୱସନୀୟ ଅଫର୍ସ + ପାଆନ୍ତୁ ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍!*

JioMart ମହା କ୍ୟାସ୍‌ବ୍ୟାକ୍

ଫ୍ରୀ ହୋମ୍ ଡେଲିଭରୀ

ସର୍ବନ୍ୟୁନ ଅର୍ଡର୍ ନାହିଁ

ଜିଓମାର୍ଟ ଆପ୍ ବର୍ତ୍ତମାନ୍ ଡାଉନଲୋଡ୍ କରନ୍ତୁ

ଭେସଲିନ୍ / ପଣ୍ଡସ / ନିଭିଆ ବଡ଼ି ଲୋଶନ୍ 300 ml ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
ପର୍ଯ୍ୟନ୍ତ 50% ଛାଡ଼
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ₹299 ତେଣିକି

ପଣ୍ଡସ / ନିଭିଆ ସଫ୍ଟ ଲାଇଟ୍ ମଇଶ୍ଚରାଇଜର 250 ml ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
50% ଛାଡ଼
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹309~~ ତେଣିକି
ଆମ ମୂଲ୍ୟ ₹155 ତେଣିକି

ଡଭ୍ / ପେଅର୍ସ ପିୟୋର୍ ଆଣ୍ଡ ଜେଣ୍ଟିଲ୍ ସୋପ୍ 125 g x 4 ୟୁନିଟ୍
Buy 4 Get 1 FREE
33% ଛାଡ଼
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹304~~ ତେଣିକି
ଆମ ମୂଲ୍ୟ ₹204 ତେଣିକି

ଟାଟା ଗୋଲ୍ଡ ଟି' ଲିଫ୍ 500 g
ସଞ୍ଚନ୍ତୁ ₹40
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹315~~
ଆମ ମୂଲ୍ୟ ₹275

ନୁଡୁଲ୍ସ / ସୁପ୍ (ନିର୍ଦ୍ଦିଷ୍ଟ ରେଞ୍ଜ) ୟିପୀ/ଟପ୍ ରାମେନ୍/ଚିଙ୍ଗସ ସିକ୍ରେଟ୍/ ସ୍ନାକଟ୍ୟାକ୍ ମସାଲା 240 g ତେଣିକି / ଚିଙ୍ଗସ / ନୋର୍ 43 g ତେଣିକି
ପର୍ଯ୍ୟନ୍ତ 50% ଛାଡ଼
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ₹46 ତେଣିକି

ଗୁଡ୍ ଲାଇଫ୍ ଆଲ୍‌ମଣ୍ଡ / କ୍ୟାଶ୍ୟୁ (W320) 500 g
ଆମ ମୂଲ୍ୟ ₹399
MRP ~~₹449~~ ତେଣିକି / ~~₹499~~
ସଞ୍ଚନ୍ତୁ ₹50 ତେଣିକି / ₹100
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ

ହେରିଟେଜ୍ କାଓ ଘୀ 1 ℓ
50% ଛାଡ଼
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹739~~
ଆମ ମୂଲ୍ୟ ₹369.50

ଡାବର ଚ୍ୟୱନପ୍ରାଶ୍ 2x ଇମ୍ୟୁନିଟୀ 950 g
ସଞ୍ଚନ୍ତୁ ₹75
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹360~~
ଆମ ମୂଲ୍ୟ ₹285

ଡାବର ହନି 1 kg
ସଞ୍ଚନ୍ତୁ ₹101
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹430~~
ଆମ ମୂଲ୍ୟ ₹329

ବିସ୍କୁଟ୍- ଲାର୍ଜ୍ ପ୍ୟାକ୍ 300 g ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
33% ଛାଡ଼
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹120~~ ତେଣିକି
ଆମ ମୂଲ୍ୟ ₹80 ତେଣିକି

ହର୍ଲିକ୍ସ କ୍ଲାସିକ ମଲ୍ଟ ହେଲ୍‌ଥ ଡ୍ରିଙ୍କ ପାଉଡର୍ 1 kg
ସଞ୍ଚନ୍ତୁ ₹85
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹475~~
ଆମ ମୂଲ୍ୟ ₹390

ସ୍ନାକଟ୍ୟାକ୍ ଟମାଟୋ କେଚପ୍ 950 g
50% ଛାଡ଼
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹140~~
ଆମ ମୂଲ୍ୟ ₹70

ପନିର (ନିର୍ଦ୍ଦିଷ୍ଟ ରେଞ୍ଜ)
ପର୍ଯ୍ୟନ୍ତ 50% ଛାଡ଼
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ₹125 ତେଣିକି

ମ୍ୟାକେନ୍ (ନିର୍ଦ୍ଦିଷ୍ଟ ରେଞ୍ଜ)
33% ଛାଡ଼
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹130~~ ତେଣିକି
ଆମ ମୂଲ୍ୟ ₹87 ତେଣିକି

ଇଣ୍ଡିଆ ଗେଟ୍ ବାସମତି ରାଇସ୍ ରୋଜାନା 5 kg / ସଫୋଲା ଗୋଲ୍ଡ ଅଏଲ୍ 3 ℓ
ଆମ ମୂଲ୍ୟ ₹869
କମ୍ବାଇଣ୍ଡ
MRP ~~₹1125~~
ସଞ୍ଚନ୍ତୁ ₹256
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ

ଆଶୀର୍ବାଦ ଶୁଦ୍ଧ ଚକି ଅଟା 5 kg
ଆମ ମୂଲ୍ୟ ₹185
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹208~~
ସଞ୍ଚନ୍ତୁ ₹23

ଉତ୍କଳ କାସ୍ପର ଏଚ୍ଏମ୍‌ଟି ରାଇସ୍ 10 kg
ଆମ ମୂଲ୍ୟ ₹465 (₹46.5 /kg)
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹625~~
ସଞ୍ଚନ୍ତୁ ₹160

ଗୁଡ୍ ଲାଇଫ୍ ସୁଗାର 5 kg
ଆମ ମୂଲ୍ୟ ₹229 (₹45.8 /kg)
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹285~~
ସଞ୍ଚନ୍ତୁ ₹56

ସୁପର ସର୍ବୋତ୍ତମ ରାଇସ୍ ବ୍ରାନ ଅଏଲ 1 ℓ
ଆମ ମୂଲ୍ୟ ₹137
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹198~~
ସଞ୍ଚନ୍ତୁ ₹61

ହରଡ଼ / ତୁର୍ ଡାଲି 2 kg
ଆମ ମୂଲ୍ୟ ₹199 (₹99.5 /kg)
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹270~~
ସଞ୍ଚନ୍ତୁ ₹71

ମଦର କେୟାର ଡାଇପର ଏକ୍ସଟ୍ରା ଅବଜର୍ବ (S / M / L / XL)
50% ଛାଡ଼
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹899~~ ତେଣିକି
ଆମ ମୂଲ୍ୟ ₹450 ତେଣିକି

ପାରାଚ୍ୟୁଟ୍ ଆଡଭାନ୍ସଡ ହଟ୍ ଅଏଲ୍ 300 ml
33% ଛାଡ଼
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹175~~
ଆମ ମୂଲ୍ୟ ₹117

ଗୋଦରେଜ୍ ଇଜୀ / ୱିପ୍ରୋ ସେଫ୍‌ୱାଶ ଲିକ୍ୱିଡ୍ ଡିଟରଜେଣ୍ଟ 500 ml ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
ସଞ୍ଚନ୍ତୁ ₹50 ତେଣିକି
MRP ~~₹160~~ ତେଣିକି
ଆମ ମୂଲ୍ୟ ₹110 ତେଣିକି
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ

ହ୍ୱିସପର୍ ଅଲ୍ଟ୍ରା XL 44 S / ଷ୍ଟେଫ୍ରୀ ଡ୍ରାଇମାକ୍ସ ଅଲ୍ ନାଇଟ୍ 42 S (ନିର୍ଦ୍ଦିଷ୍ଟ ରେଞ୍ଜ)
33% ଛାଡ଼
+ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* କ୍ରୟ ମୂଲ୍ୟ ଉପରେ
MRP ~~₹470~~ ତେଣିକି
ଆମ ମୂଲ୍ୟ ₹315 ତେଣିକି

ଅଫର୍ସ ଏଠାରେ ମଧ୍ୟ ଉପଲବ୍ଧ
SMART STORES | Reliance fresh

ICICI Bank FESTIVE BONANZA
10% Cashback
on Min. Txn. of ₹2500/- | Max. Cashback up to ₹500/-
Valid From 1st to 7th Dec. 2021 | Valid Once per Card
*Applicable on Credit Cards, Debit Cards, & Internet Banking* T&C Apply*

Pay using Paytm App.
GET UP TO ₹750 Paytm CASHBACK
Offer valid on minimum payment of ₹750 using Paytm Wallet only.
Valid 3 times per user from 2nd to 31st December 2021. T&C Apply

ଭୁବନେଶ୍ୱର • କଟକ • ଢେଙ୍କାନାଳ • ଭଦ୍ରକ • ଯାଜପୁର ରୋଡ୍ • ସେମିଲିଗୁଡ଼ା • ଅନୁଗୁଳ • ବାଲେଶ୍ୱର • ବାରିପଦା • ବଲାଙ୍ଗୀର • ଝାରସୁଗୁଡ଼ା • ପୁରୀ • ରାୟଗଡ଼ା • ରାଉରକେଲା

*JioMart ମହା କ୍ୟାସ୍ ବ୍ୟାକ୍ ସର୍ତ୍ତ ଓ ନିୟମାବଳୀ - କ୍ୟାସ୍‌ବ୍ୟାକ୍ 200 ରୁ ଅଧିକ ମୂଲ୍ୟର ବିଲ୍ ମୂଲ୍ୟ ସହିତ ଯେକୌଣସି କ୍ରୟ ଉପରେ ସଂଗୃହୀତ ହେବ, ପ୍ରତିଦିନ ସର୍ବାଧିକ 200 ଟଙ୍କା କ୍ୟାସ୍‌ବ୍ୟାକ୍ ସୀମା ଅଧୀନ ଅଟେ । କ୍ୟାସ୍‌ବ୍ୟାକ୍ ଟ. 200 ଏବଂ ଅଧିକର ବିଲ୍ ଭାଲ୍ୟୁ କ୍ରୟ ଉପରେ ବିମୋଚନ କରାଯାଇପାରିବ, ବିଲ୍ ମୂଲ୍ୟର ସର୍ବାଧିକ 20% ବିମୋଚନ ଅଧୀନ ଅଟେ । ରିଟର୍ନ ଅବଧି ଅନୁଯାୟୀ, ଅର୍ଜିତ ସମସ୍ତ କ୍ୟାସ୍ ବ୍ୟାକ୍ 3 କାର୍ଯ୍ୟଦିବସ ମଧ୍ୟରେ ଗ୍ରାହକଙ୍କ କ୍ୟାସ୍‌ବ୍ୟାକ୍ ଆକାଉଣ୍ଟରେ କ୍ରେଡିଟ୍ କରାଯିବ । ବିସ୍ତୃତ ସର୍ତ୍ତ ଓ ନିୟମାବଳୀ ପାଇଁ ଭିଜିଟ୍ କରନ୍ତୁ www.jiomart.com । ବ୍ୟାଙ୍କିଙ୍ଗ ଏବଂ ୱାଲେଟ୍ ଅଫର୍ସ କେବଳ ଜିଓମାର୍ଟ ଉପରେ ବୈଧ । ଅଫର୍ ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ଅଫର ବିନା ବିଜ୍ଞପ୍ତିରେ ପରିବର୍ତ୍ତନ ହୋଇପାରେ । ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନା ଉଦ୍ଦେଶ୍ୟ ପାଇଁ । ସମସ୍ତ ଉତ୍ପାଦର ଏମ୍‌ଆରପିରେ ସମସ୍ତ ଟ୍ୟାକ୍ସ ସାମିଲ ଅଟେ । ସମସ୍ତ ଅଫର୍ 5 ଡିସେମ୍ବର 2021 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ନ୍ୟାୟାଧିକାର ଅଧୀନ ଅଟେ ।

# ବାତ୍ୟାରେ ଜିରୋ କାଜୁଆଲ୍‌ଟିକୁ ଗୁରୁତ୍ୱ

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

ବାତ୍ୟା 'ଜୱାଦ' ପୁରୀ ଉପକୂଳ ଦେଇ ଗତି କରିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ରାଜଧାନୀ ଭୁବନେଶ୍ୱର ମଧ୍ୟ ପ୍ରଭାବିତ ହେବା ସମ୍ଭାବନା ରହିଛି। ତେଣୁ ବାତ୍ୟା ସ୍ଥିତିର ମୁକାବିଲା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ବିଏମ୍‌ସି କମିଶନର ସଞ୍ଜୟ ସିଂହଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ୩ଟି ଜୋନ୍‌ର ଜେଡିସିଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ଏଥିସହ ଭୁବନେଶ୍ୱର ନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି।

କମିଶନର ସିଂହ କହିଛନ୍ତି, 'ଜୱାଦ'ର ମୁକାବିଲା ପାଇଁ ବିଏମ୍‌ସି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଉଦ୍ଧାର, ରିଲିଫ୍ ଏବଂ ପୁନରୁଦ୍ଧାର କାର୍ଯ୍ୟର ସୁଗମ ପରିଚାଳନା ପାଇଁ ସମସ୍ତ ଅଧିକାରୀଙ୍କୁ ସତର୍କ ଏବଂ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ମହାନଗରାଞ୍ଚଳରେ ଥିବା ତଳିଆ ଅଞ୍ଚଳ ଚିହ୍ନଟ କରାଯାଇଛି। ସ୍ଥିତିକୁ ଦେଖି ଆବଶ୍ୟକ ହେଲେ ସେହି ଅଞ୍ଚଳରୁ ଲୋକଙ୍କୁ ନିକଟ ବିଦ୍ୟାଳୟ, ବାତ୍ୟା ଆଶ୍ରୟସ୍ଥଳ କିମ୍ବା ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବ। ରାସ୍ତାରେ ବୁଲୁଥିବା, ବ୍ରିଜ୍, ମନ୍ଦିର, ଫୁଟପାଥ୍ ବିଶେଷକରି ଖୋଲା ଆକାଶ ତଳେ ରାତି ବିତାଉଥିବା ଭୂମିହୀନ ଓ ଭିକାରୀଙ୍କୁ ଉଦ୍ଧାର ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି। ସେହିପରି ବିଏମ୍‌ସିର ୬୭ଟି ୱାର୍ଡର ଅଧିକାରୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ଯଥା ଚୁଡା, ଗୁଡ, ବିସ୍କୁଟ ଓ ମହମବତି ମହଜୁଦ୍ ରଖିବା ସହ ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟ ଯୋଗାଇ ଦେବା ପାଇଁ କୁହାଯାଇଛି। ଦକ୍ଷିଣପୂର୍ବ ଜୋନ୍‌ରେ ୨୯ଟି ବାତ୍ୟା ଆଶ୍ରୟସ୍ଥଳ ଥିବାବେଳେ, ଦକ୍ଷିଣପଶ୍ଚିମ ଜୋନ୍‌ରେ ୨୧ ଏବଂ ଉତ୍ତର ଜୋନ୍‌ରେ ୨୨ଟି ବାତ୍ୟା ଆଶ୍ରୟସ୍ଥଳ ରହିଛି। ବିଏମ୍‌ସିର ଇଞ୍ଜିନିୟରିଂ ଟିମ୍ ପକ୍ଷରୁ ଗ୍ୟାରେଜ୍ ଛକ, ସାରଦା ମଠ ଲେନ୍, ଶ୍ରୀରାମ ନଗର, ରତ୍ନଭିଲା ଭଳି ୩୬ଟି ଅସୁରକ୍ଷିତ ନିମ୍ନ ଅଞ୍ଚଳ ଚିହ୍ନଟ କରାଯାଇଛି। ଜଳ ନିଷ୍କାସନ ପାଇଁ ଆବଶ୍ୟକ ପମ୍ପସେଟ୍ ପ୍ରସ୍ତୁତ ରହିଛି। ଏହାବ୍ୟତୀତ କୌଣସି ଜରୁରିକାଳୀନ ଚିକିତ୍ସା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଯଥା ସମ୍ଭବ ପାୱାର ବ୍ୟାକ୍ ରଖିବା ପାଇଁ ଜନସ୍ୱାସ୍ଥ୍ୟ ଅଧିକାରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପର୍ଯ୍ୟାପ୍ତ ପରିମାଣର ଔଷଧ, ଆଣ୍ଟି ଭେନମ୍, ହାଲୋଜିନ୍ ଟାବ୍‌ଲେଟ୍ ରଖିବା ପାଇଁ ଚିଫ୍ ମ୍ୟୁନିସିପାଲ୍ ମେଡିକାଲ ଅଫିସର (ସିଏମ୍ଏମ୍ଓ)ଙ୍କୁ କୁହାଯାଇଛି। ଦୁର୍ଘଟଣା ଏଡାଇବା ପାଇଁ ସହରରେ ଲାଗିଥିବା ବିଜ୍ଞାପନ ବୋର୍ଡ, ହୋର୍ଡିଂ ଆଦିକୁ ହଟାଯାଇଛି। ଜରୁରିକାଳୀନ ସହାୟତା ପାଇଁ ଲୋକେ ବିଏମ୍‌ସିର ୨୪ ଘଣ୍ଟିଆ ଟୋଲ ଫ୍ରି ନଂ.୦୬୭୪-୨୪୩୧୨୫୩ କିମ୍ବା ୧୮୦୦୩୪୫୦୦୬୧କୁ କଲ୍ କରିବାକୁ କୁହାଯାଇଛି।

**ସମସ୍ତ ଅଧିକାରୀଙ୍କ ଛୁଟି ବାତିଲକଲା ବିଏମ୍‌ସି**

- ୩ ଜୋନ୍ ଡେପୁଟି କମିଶନରଙ୍କୁ ଦାୟିତ୍ୱ ବଣ୍ଟନ
- ସ୍ଥାନାନ୍ତର, ରିଲିଫ୍ ସାମଗ୍ରୀ ମହଜୁଦ୍‌କୁ ଗୁରୁତ୍ୱ
- ପମ୍ପ୍‌ସେଟ୍, ଚିକିତ୍ସାଳୟ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ
- ୨୪ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ଜାରି

## ସଂକ୍ଷେପରେ

### ସ୍କୁଟିକୁ ଘୋଷାଡି ନେଲା ଟ୍ରକ୍, ନର୍ସ ମୃତ



**ଭୁବନେଶ୍ୱର,୩।୧୨(ବ୍ୟୁରୋ):** ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗିଣିଆ ଶନିମନ୍ଦିର ନିକଟରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଟିରେ ଯାଉଥିବା ଜଣେ ଯୁବତୀଙ୍କୁ ଏକ ଟ୍ରକ୍ ଧକ୍କା ଦେଇ ଘୋଷାଡ଼ି ନେବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତା ଯୁବତୀ ହେଲେ ତମାଣ୍ଡୋ ଥାନା ବିଜିପୁରରେ ରହୁଥିବା ସରସ୍ୱତୀ ମଲ୍ଲିକ(୩୧)। ସେ ଖଣ୍ଡଗିରି ଥାନାଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଷ୍ଟାଫ୍ ନର୍ସ ଭାବେ କାମ କରନ୍ତି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭର୍‌ଙ୍କୁ ଅଟକ ରଖିଛି। ଏନେଇ (ନଂ.୬୭୮/୨୧) ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦିନ ପ୍ରାୟ ୧୧ଟା ବେଳେ ସରସ୍ୱତୀ ନିଜ ଘରୁ ସ୍କୁଟିରେ ୫ ନଂ. ଜାତୀୟ ରାଜପଥ ଦେଇ ହସ୍ପିଟାଲ ଅଭିମୁଖେ ଯାଉଥିଲେ। ସେ ଆଇଗିଣିଆ ଶନିମନ୍ଦିର କଟ୍ ନିକଟରେ ଯାଉଥିବାବେଳେ ଖୋର୍ଦ୍ଧା ପଟୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ତାଙ୍କ ସ୍କୁଟି ସହ ଟ୍ରକ୍‌ର ସାମ୍ନା ଚକରେ ଲାଗି କିଛିବାଟ ଘୋଷାଡ଼ି ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସରସ୍ୱତୀଙ୍କୁ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସରେ ହସ୍ପିଟାଲ ପଠାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ରବୀନ୍ଦ୍ର ମଣ୍ଡପ ପଛ ରାସ୍ତାରୁ ହଟିଲା ଜବରଦଖଲ

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ):** ଶୀତ ଅଧିବେଶନ ଚାଲିଥିବାରୁ ବିଧାନସଭା ଚାରିପଟୁ ରାସ୍ତା ସିଲ୍ କରାଯାଇଛି। ତେଣୁ ରବୀନ୍ଦ୍ରମଣ୍ଡପ ପଛପଟ ରାସ୍ତା ଦେଇ ଗାଡ଼ିମୋଟର ଯାତାୟାତ କରୁଛି। ତେବେ ସେହି ରାସ୍ତା କଡ଼ରେ ଉଠାଦୋକାନୀ ସମେତ କିଛି ସ୍ଥାୟୀ ହୋଟେଲ ଓ ଗାଙ୍ଗୁରାମ ଦୋକାନ ଫୁଟ୍‌ପାଥକୁ ମଡ଼ାଇ ଶେଡ୍ କରିବାରୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଉପୁଜୁଥିଲା। ବିଶେଷକରି ଅଫିସ୍ ସମୟ ସକାଳ ୯ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ସ୍ଥିତି ଜଟିଳ ହୋଇପଡୁଥିଲା। ଏହି ସମସ୍ୟା ଦୂର ପାଇଁ ବିଡିଏ, ବିଏମ୍‌ସିର ମିଳିତ ସ୍କ୍ୱାଡ୍ ପକ୍ଷରୁ ଶୁକ୍ରବାର ଏସବୁ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ବିଏମ୍‌ସି ଆସିଷ୍ଟାଣ୍ଟ କମିଶନର ଲିଲନ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଜବରଦଖଲ ହଟାଇ ରାସ୍ତା ଓ ଫୁଟ୍‌ପାଥକୁ ମୁକ୍ତ କରିଛି। ଏଥିସହ ଜବରଦଖଲକାରୀଙ୍କୁ ତାଗିଦ୍ କରାଯାଇଛି।

### ଚିକିତ୍ସା ବେଳେ ରୋଗୀର ଭାବନାକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୩।୧୨:** ଏମ୍ସ ଭୁବନେଶ୍ୱର କମ୍ୟୁନିଟି ମେଡିସିନ ଓ ଫ୍ୟାମିଲି ମେଡିସିନ ବିଭାଗ ପକ୍ଷରୁ 'ସ୍ୱାସ୍ଥ୍ୟ ଗବେଷଣା କ୍ଷେତ୍ରରେ ଗୁଣବତ୍ତାସମ୍ପନ୍ନ ପଦ୍ଧତି' ଶୀର୍ଷକ ଦୁଇଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଛି। ସାଧାରଣ ମଣିଷ ରୋଗାକ୍ରାନ୍ତ ଥିବାବେଳେ ସ୍ୱାସ୍ଥ୍ୟକୁ ନେଇ ସେ କିପରି ବ୍ୟବହାର କରୁଛି, ଶରୀର ଉପରେ ଏହାର ପ୍ରଭାବକୁ ବୁଝିବା ଔଷଧ ପ୍ରଦାନଠାରୁ ମଧ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି କୋଭିଡ୍ ଭଳି ମହାମାରୀ ସମୟରେ ବ୍ୟକ୍ତିର ଦୃଷ୍ଟିଭଙ୍ଗୀ, ଭାବନା, ମତାମତ ଏବଂ ଚିକିତ୍ସା ପଦ୍ଧତିକୁ ବୁଝିବା ଆବଶ୍ୟକ ବୋଲି ଏମ୍‌ସ ନାଗପୁରର କମ୍ୟୁନିଟି ମେଡିସିନ ବିଭାଗ ମୁଖ୍ୟ ତଥା ଡିନ୍(ଗବେଷଣା) ପ୍ରଫେସର ଡ. ପ୍ରଦୀପ ଦେଶମୁଖ ମତବ୍ୟକ୍ତ କରିଛନ୍ତି। ଏମ୍‌ସ ଭୁବନେଶ୍ୱରର ନିର୍ଦ୍ଦେଶିକା ଡ. ବି ଗୀତାଞ୍ଜଳି ଏପରି ଗବେଷଣା ପଦ୍ଧତିକୁ ସ୍ୱାସ୍ଥ୍ୟ ଗବେଷଣା ସହିତ ମେଡିକାଲ ପାଠ୍ୟକ୍ରମରେ ମଧ ସାମିଲ କରିବାକୁ ଗୁରୁତ୍ୱ ଦେଇଥିଲେ। ଚିରାଚରିତ ଢଙ୍ଗରେ ହେଉଥିବା ପରିମାଣଗତ(କ୍ୱାଣ୍ଟିଟେଟିଭ୍) ଗବେଷଣା ଅପେକ୍ଷା କ୍ୱାଲିଟେଟିଭ୍ ଗବେଷଣା ଅଧିକ ଫଳପ୍ରଦ ବୋଲି ସେ କହିଛନ୍ତି।

### ବାତ୍ୟା ପୂର୍ବରୁ ସୁରକ୍ଷା ଚିନ୍ତା



ପୁରୀ ବେଳାଭୂମିରେ ମତ୍ସ୍ୟଜୀବୀମାନେ ସେମାନଙ୍କ ଡଙ୍ଗାକୁ ଓଲଟାଇ ରଖି ବାନ୍ଧି ରଖୁଛନ୍ତି।

## 'ବାତ୍ୟା ପରବର୍ତ୍ତୀ ବିଦ୍ୟୁତ୍ ପୁନରୁଦ୍ଧାରକୁ ଗୁରୁତ୍ୱ'

### ବାତ୍ୟା ପ୍ରସ୍ତୁତିର ସମୀକ୍ଷା କଲେ ଶକ୍ତିମନ୍ତ୍ରୀ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ବାତ୍ୟା 'ଜୱାଦ୍'କୁ ନେଇ ଶକ୍ତି ବିଭାଗର ପ୍ରସ୍ତୁତିକୁ ସମୀକ୍ଷା କରିଛନ୍ତି ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର। ବିଦ୍ୟୁତ୍ ଯୋଦ୍ଧାଙ୍କୁ ପ୍ରଶଂସା କରି ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାରବେଳେ କର୍ମଚାରୀ ନିଜକୁ ସୁରକ୍ଷିତ ରଖି କାର୍ଯ୍ୟକରିବା, ସୁରକ୍ଷା ପ୍ରବନ୍ଧନ ପ୍ରତି ସଚେତନ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକର ପ୍ରସ୍ତୁତି ସମ୍ପର୍କିତ ତଥ୍ୟ ଉପସ୍ଥାପନ ପାଇଁ କହିଥିଲେ। ଏଥିସହ ପାଣିପାଗ ବିଭାଗର ତଥ୍ୟ ଉପରେ ସର୍ବଦା ନଜର ରଖି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ପୁରୀ ନିକଟରେ ବାତ୍ୟା ଅତିକ୍ରମ କରିବା ସମ୍ଭାବନା ଥିବାରୁ ସେଠାରେ ବିଦ୍ୟୁତ୍ ବ୍ୟବସ୍ଥା କ୍ଷତିଗ୍ରସ୍ତ ଆଶଙ୍କା ରହିଛି। ଗତ 'ୟାସ୍' ବାତ୍ୟା ପରେ ବିଦ୍ୟୁତ ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଇଥିବାରୁ କ୍ଷୟକ୍ଷତି କମ୍ ହେବ ବୋଲି ଆଶା କରାଯାଉଛି। ଖାଲୁଆ ଅଞ୍ଚଳ ପାଇଁ ଆଗୁଆ ଭାବେ ପାଣିପମ୍ପ, ଡିଜି ସେଟ୍ ଏବଂ ଆସ୍କା ଲାଇଟ୍ ବ୍ୟବସ୍ଥା କରିବା ସହିତ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜନ ସକାଶେ ଟିମ୍ ଗଠନ, ଯାନ ପ୍ରସ୍ତୁତି ମୋବାଇଲ୍ ଚାର୍ଜର, ସାଟେଲାଇଟ୍ ଫୋନ୍ ଭଳି ବ୍ୟବସ୍ଥା ଉପଲବ୍ଧ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିସହିତ ଗ୍ରୀଡ୍‌କୋ ମୁଖ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି। ଏଥିସହ ବାତ୍ୟାକୁ ଦୃଷ୍ଟିରେ ରଖି ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ମନୋଜ ଭି ନାୟାର ହେଲେ ନନ୍ଦନକାନନ ନିର୍ଦ୍ଦେଶକ

**ବାରଙ୍ଗ,୩।୧୨(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ନିର୍ଦ୍ଦେଶକ ବଦଳି ହୋଇଛନ୍ତି। ପୂର୍ବରୁ ଥିବା ମନୋଜ ମହାପାତ୍ରଙ୍କ ସ୍ଥାନରେ ୨୦୦୧ କ୍ୟାଡରର ଆଇଏଫ୍ଏସ୍ ଅଫିସର ମନୋଜ ଭି ନାୟାର ନୂତନ ନିର୍ଦ୍ଦେଶକ ହୋଇଛନ୍ତି। ନାୟାର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶୁକ୍ରବାର ନନ୍ଦନକାନନ ପରିଭ୍ରମଣ କରି ଫେରିଛନ୍ତି। ସେ ପୂର୍ବରୁ ୨୦୧୩ରୁ ୨୦୧୪ ଜୁନ ପର୍ଯ୍ୟନ୍ତ ୧ବର୍ଷ ପାଇଁ ନନ୍ଦନକାନନ ଉପନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ରହିଥିଲେ। ଏହାପରେ ଡେପୁଟେଶନରେ ଡେରାଡୁନ ଯାଇଥିଲେ। ତାଙ୍କର ପଦୋନ୍ନତି ପରେ ଏବେ ନନ୍ଦନକାନନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ବନ ସଂରକ୍ଷକ ମନୋଜ ମହାପାତ୍ର ନନ୍ଦନକାନନର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ଅଗଷ୍ଟରୁ ନଭେମ୍ବର ପର୍ଯ୍ୟନ୍ତ ରହିଥିଲେ।

## ଦରମା ବୃଦ୍ଧି ଦାବି ଦୋହରାଇଲେ କନିଷ୍ଠ ଶିକ୍ଷକ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ଦରମା ବୃଦ୍ଧିକୁ ନେଇ ୨୦୧୫ରୁ ଦାବି କରାଯାଉଛି। ୨୦୧୮ରେ ମିଳିଲା ପ୍ରତିଶ୍ରୁତି, ଆଉ ଆଶ୍ୱାସନା। କୁଣ୍ଠିତ ଚୁକ୍ତିଭିତ୍ତିକ ପ୍ରଥାରେ ସମସ୍ତ କର୍ମଚାରୀଙ୍କ ଦରମା ୨୫ ପ୍ରତିଶତ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦରମା ୫୦ ପ୍ରତିଶତ ବୃଦ୍ଧି କରାଗଲା। ହେଲେ ବାଦ୍ ପଡ଼ିଲେ କନିଷ୍ଠ ଶିକ୍ଷକ। 'ଶିକ୍ଷା ସହାୟକ'ନାମକୁ ପରିବର୍ତ୍ତନ କରି ଜେଟି କଣ୍ଟ୍ରାକ୍ଟୁଆଲରେ ସୀମିତ ରହିଗଲେ ସେମାନେ। ପ୍ରତିଶ୍ରୁତି ଦେଇ ସରକାର ପ୍ରତାରଣା କରିବା ପ୍ରତିବାଦରେ ନଭେମ୍ବର ୨୯ରୁ କନିଷ୍ଠ ଶିକ୍ଷକମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିଲେ। ଶୁକ୍ରବାର ଧାରଣାରତ ଏହି ଶିକ୍ଷକମାନେ ଦରମା ବୃଦ୍ଧି ନେଇ ପୁଣି ଦାବି ଦୋହରାଇଛନ୍ତି। ଏନେଇ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ସଭାପତି ଅକ୍ଷୟ କୁମାର ପାଢ଼ୀ କହିଛନ୍ତି, କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି ଓ ବର୍ଗ-ଗଙ୍କୁ ୨୦୧୩ ଚୁକ୍ତିନାମା ନିୟମରେ ଅନ୍ତର୍ଭୁକ୍ତ କରାଯିବା ସହ ୨୦୧୬ରୁ ସେମାନଙ୍କ ଦରମା ୧୬,୦୦୦ ଟଙ୍କା କରାଯିବାକୁ ଦାବି କରି ଆସୁଛୁ। ଏନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରାଜ୍ୟ ପ୍ରତିନିଧିଙ୍କ ସହ ଆଲୋଚନା କରି ଏହି ଦିଗରେ କାର୍ଯ୍ୟ ଚାଲିଛି ବୋଲି ଜଣାଇଥିଲେ। ତେବେ ଲିଖିତ ପ୍ରତିଶ୍ରୁତି ପାଇଁ ଧାରଣା ଅନିର୍ଦ୍ଦିଷ୍ଟ କାଳ ଚାଲିବ ବୋଲି ସେ କହିଛନ୍ତି।

## 'ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ପ୍ରଚଳନ ଲକ୍ଷ୍ୟ'

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

ପ୍ରଶାସନିକ କ୍ଷେତ୍ରରେ ଅଭିଜ୍ଞତା ଓ ଅଭିନବ ବିଚାର ବିନିମୟ ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି 'ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରତିଫଳନ' ସମ୍ପର୍କିତ ଦୁଇଦିନିଆ ଆଞ୍ଚଳିକ ସମ୍ମିଳନୀ। ଭାରତ ସରକାରଙ୍କ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ (ଡିଏଆର୍‌ପିଜି) ବିଭାଗ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସରେ ଡିଏଆର୍‌ପିଜି ସଚିବ ସଞ୍ଜୟ ସିଂ ଯୋଗଦେଇ କହିଲେ, ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରଚଳନ କ୍ଷେତ୍ରରେ ଏହି ସମ୍ମିଳନୀ ସକାରାତ୍ମକ ଭୂମିକା ନିର୍ବାହ କରିବ। କେନ୍ଦ୍ର, ରାଜ୍ୟ, ଜିଲା ଏବଂ ପଞ୍ଚାୟତସ୍ତରରେ ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ପ୍ରତିଫଳନ ହେବା ଫଳରେ ଏହା ନାଗରିକ କୈନ୍ଦ୍ରିକ ପ୍ରଶାସନକୁ ସାକାର ରୂପ ଦେବାରେ ସହାୟକ ହେବ।



ସର୍ବାଧିକ ପ୍ରଶାସନ ଏବଂ ସର୍ବନିମ୍ନ ସରକାର ସଂକଳ୍ପକୁ ବାସ୍ତବ ରୂପ ଦେବା, ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗର ପ୍ରୟାସକୁ କାର୍ଯ୍ୟକାରୀ କରିବା, ପ୍ରଶାସନିକ କାର୍ଯ୍ୟକ୍ରମର ଦସ୍ତାବିଜ ପ୍ରସ୍ତୁତ ଏବଂ ଏହାର ପ୍ରଚାରପ୍ରସାର କରିବା ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି। ପେସାଦାରମାନେ ଯେଭଳି ଶ୍ରେଷ୍ଠ ପ୍ରଶାସନିକ ଉପାୟଗୁଡ଼ିକୁ ନେଇ ରେକର୍ଡ ଦସ୍ତାବିଜ୍ ପ୍ରସ୍ତୁତ କରିପାରିବେ, ସେ ନେଇ ବିଚାର ବିନିମୟ ଲାଗି ସମ୍ମିଳନୀ ସାଙ୍ଗକୁ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଯୋଜନା କରାଯାଉଛି। ଅଭିନବ ପ୍ରୟାସକୁ ସଫଳ କରାଇବା ଲାଗି ବିଭିନ୍ନ ଉପାୟ, ରଣନୀତି ଏବଂ ଜ୍ଞାନକୌଶଳ ଅବଲମ୍ବନ କରାଯାଉଛି ବୋଲି ସଚିବ ସିଂ ମତ ରଖିଥିଲେ।

ଡିଏଆର୍‌ପିଜିର ସ୍ୱତନ୍ତ୍ର ସଚିବ ଭି. ଶ୍ରୀନିବାସ ଉଦ୍‌ଘାଟନୀ ଅଭିଭାଷଣରେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରତିନିଧିମାନଙ୍କୁ ଅଭିବାଦନ ଜଣାଇବା ସହିତ ସମ୍ମିଳନୀର ବିଷୟବସ୍ତୁ ତଥା ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଅଭିନବ କୌଶଳ ଆପଣାଇବାରେ ଦେଶର ଜିଲା ପ୍ରଶାସନଗୁଡ଼ିକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଦୁଇଦିନିଆ ସମ୍ମିଳନୀରୁ ଯେଉଁ ଶିକ୍ଷଣୀୟ ବିଷୟରେ ଜ୍ଞାନମିଳିବ ତାହାକୁ ଆବଶ୍ୟକସ୍ଥଳେ ପ୍ରୟୋଗ କରିବା ସୁବିଧା ହେବ ବୋଲି ସେ ମତ ରଖିଥିଲେ।

## ପରିବା ଦର ବୃଦ୍ଧିକୁ ନେଇ ଅସନ୍ତୋଷ

**ବାରଙ୍ଗ,୩।୧୨(ଡି.ଏନ୍.ଏ.)**

ବାତ୍ୟାକୁ ନେଇ ସରକାର ଜନସାଧାରଣଙ୍କୁ ଭୟଭୀତ ନ ହୋଇ ସଚେତନ ରହିବାକୁ ପରାମର୍ଶ ଦେଇଚାଲିଛନ୍ତି। କିନ୍ତୁ ବାତ୍ୟା ପାଇଁ ବାରଙ୍ଗର ଡେଲି ପରିବା ମାର୍କେଟରେ ବ୍ୟବସାୟୀଙ୍କର ମନଇଚ୍ଛା ମୂଲ୍ୟ ବୃଦ୍ଧି ଗ୍ରାହକଙ୍କ ପାଇଁ ଅସନ୍ତୋଷର କାରଣ ପାଲଟିଛି। ଶୁକ୍ରବାର ସନ୍ଧ୍ୟାରେ ଝିପିଝିପି ବର୍ଷାରେ ବାରଙ୍ଗ ପରିବା ମାର୍କେଟରେ ଯଦିଓ ଗ୍ରାହକମାନଙ୍କର ଏତେ ପରିମାଣର ଭିଡ ନ ଥିଲା ତଥାପି ପନିପରିବା ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ସବୁଠାରୁ କମ୍ ମୂଲ୍ୟ କହିଲେ ଆଳୁ କେଜି ୩୦ରୁ ୩୫ଟଙ୍କା ଥିଲା। ବାଇଗଣ ୬୦, କଖାରୁ ୪୦, ପିଆଜ ୪୫ ଟଙ୍କା ରହିଥିଲା। ତେବେ ବାତ୍ୟା ପାଇଁ ଅଧିକ ମୂଲ୍ୟରେ କିଣିଥିବାରୁ ଅଧିକ ଦାମ୍‌ରେ ପରିବା ବିକିବାକୁ ପଡୁଛି ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି। ବ୍ୟବସାୟୀଙ୍କର ପରିବା ମୂଲ୍ୟ ମନଇଚ୍ଛା ବୃଦ୍ଧିକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି ।

## ଦିବ୍ୟାଙ୍ଗଙ୍କୁ ନୀଚ ଦୃଷ୍ଟିରେ ଦେଖିବା ଉଚିତ ନୁହେଁ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ସତ୍ୟଭାମା ଦେବୀ ୱେଲ୍‌ଫେୟାର ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ସତ୍ୟଭାମା ଦେବୀ ମୂକ-ବଧିର ମହାବିଦ୍ୟାଳୟର ୪୫୦ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଶ୍ୱରେ ଯେତିକି ଲୋକ ବସବାସ କରୁଛନ୍ତି ସେମାନଙ୍କ ମଧ୍ୟରୁ ୧୫ ପ୍ରତିଶତ ହେଉଛନ୍ତି ଦିବ୍ୟାଙ୍ଗ। ଏମାନଙ୍କୁ ନୀଚ ଦୃଷ୍ଟିରେ ନ ଦେଖି ସେମାନଙ୍କୁ ସହଯୋଗ କରିବା ପାଇଁ ଆଗେଇ ଆସିଲେ, ସେମାନେ କୌଣସି ଗୁଣରେ କମ୍ ହେବେ ନାହିଁ ବୋଲି ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ନିରୋଜାଲକ୍ଷ୍ମୀ ମହାପାତ୍ର କହିଛନ୍ତି। ଏହି ଅବସରରେ ସେ ରାମାୟଣ ସଙ୍ଗୀତର ସ୍ୱର ସଂଯୋଜନା କରିଥିବା ଦୃଷ୍ଟିବାଧିତ ରବୀନ୍ଦ୍ର ଜୈନ୍, ବାଦ୍ୟଯନ୍ତ୍ରରେ ଝଙ୍କାରତୋଳି ସାରା ମାନବ ସମାଜକୁ ଚକିତ କରିଥିବା ଏଥୁଲିନ ଗ୍ରେନି ଓ ଜନ୍ମାନ୍ଧ ଭୀମଭୋଇଙ୍କ ସମ୍ପର୍କରେ କହିଥିଲେ। ୨୦୦୭ରେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟରୁ ଇତିମଧ୍ୟରେ ୭୯୩ ଜଣ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇ ସାରିଥିଲାବେଳେ ୪୫୩ଜଣ ଉଚ୍ଚ ଶିକ୍ଷା ଗ୍ରହଣ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ସରକାରୀ ଓ ବେସରକାରୀ ସ୍ତରରେ ନିଯୁକ୍ତି ପାଇଥିବା ମହାପାତ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅଭିନେତା ଚନ୍ଦନ କର ଯୋଗଦେଇ ଅନୁଷ୍ଠାନକୁ ସବୁ ପ୍ରକାର ସହଯୋଗ ଯୋଗାଇ ଦେବା ସହ ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ୍ ନୁହନ୍ତି ବୋଲି କହିଛନ୍ତି।

## ଦିବ୍ୟାଙ୍ଗଙ୍କ ପାଇଁ କୃତ୍ରିମ ଅଙ୍ଗ ପ୍ରଦାନ ଶିବିର



**ଭୁବନେଶ୍ୱର,୩।୧୨**

ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ରେଡ୍‌ସ୍ୱସ୍ତିକ ସୋସାଇଟି ପକ୍ଷରୁ ୪୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋସାଇଟି ପକ୍ଷରୁ ପାଞ୍ଚଦିନିଆ ନିଶୁଳ୍କ ପରିମାପ ଶିବିର ସ୍ଥାନୀୟ ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦିବ୍ୟାଙ୍ଗଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ଏହି ଶିବିର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ ନିମନ୍ତେ ପରିମାପ କରାଯିବ। ଏହି ଅବସରରେ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ସୋସାଇଟି ମୁଖ୍ୟ ବିଜୟ ଆଚାର୍ଯ୍ୟ, ସଚିବ ତଥା କୋଷାଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଚିତ୍ରଶିଳ୍ପୀ ବିନୋଦ ରାଉତରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ବିଶିଷ୍ଟ ଚିତ୍ରଶିଳ୍ପୀ ସ୍ୱର୍ଗତ ବିନୋଦ ରାଉତରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଶୁକ୍ରବାର ରାଜ୍ୟ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ଚିତ୍ରଶିଳ୍ପୀ ବିନୋଦ ମହାରଣା, ମୁଖ୍ୟବକ୍ତା ଭାବେ ଐତିହାସିକ ଅଲେଖ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଚକ୍ରଧର ବେହେରା ଯୋଗଦେଇଥିଲେ। ବିନୋଦ ରାଉତରାୟ ଏକାଧାରରେ ଜଣେ ଶିଳ୍ପୀ, ଲେଖକ, ପ୍ରାବନ୍ଧିକ ଓ ଶିଶୁ ସାହିତ୍ୟିକ ଥିଲେ। ତାଙ୍କ ସରଳ, ନିଷ୍କପଟ ଓ କାର୍ଯ୍ୟ ନିଷ୍ଠତା ଯୁବ ଶିଳ୍ପୀମାନଙ୍କୁ ପ୍ରେରଣା ଦେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତାଙ୍କ ଜୀବନୀ ଓ କଳା ସର୍ଜନାକୁ ନେଇ ଏକାଡେମୀ ଦ୍ୱାରା ପ୍ରସ୍ତୁତ ବୃତ୍ତଚିତ୍ରକୁ ପ୍ରଦର୍ଶିତ କରାଯାଇଥିଲା।



କେନ୍ଦ୍ର ସରକାର କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ଼ ସମେତ ଅନ୍ୟ କେତେକ ଦାବି ନେଇ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ଶୋଭାଯାତ୍ରା।



ଧାର୍ମିକ କାର୍ଯ୍ୟକ୍ରମ ଗସ୍ତ ସମୟରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆମିଷ ନିକ୍ଷେପ ପ୍ରତିବାଦରେ ଓଡ଼ିଶା ମନ୍ଦିର ସେବାୟତ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।




ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଏବିଭିପି କାର୍ଯ୍ୟାଳୟରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ ଅବସରରେ ଶୁକ୍ରବାର ଷ୍ଟୁଡେଣ୍ଟ ଫର୍ ସେବା ପକ୍ଷରୁ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ପାଇଁ ହେଲ୍ପଲାଇନ୍ ନମ୍ବରକୁ ଉନ୍ମୋଚନ କରାଯାଉଛି।

**ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରତିବାଦରେ ବୈଠକ**

କଣାସ,୩।୧୨(ସ୍ୱ.ପ୍ର)- କଣାସ ବ୍ଲକ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ନେଇ ଜୋରଦାର ବିରୋଧ କରିବା ପାଇଁ କଣାସ ନାଗରିକ ମଞ୍ଚ ପକ୍ଷରୁ ନିଷ୍ପତ୍ତି ହୋଇଛି। ସେଥିପାଇଁ ଶୁକ୍ରବାର କଣାସ ଜୟଦୁର୍ଗା କ୍ଲବ ପରିସରରେ ସାମାଜିକ କର୍ମୀ କୃଷ୍ଣ ଜଗଦେବଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ଗଣବିକ୍ଷୋଭ ଓ ପ୍ରତିବାଦ ସଭା କାର୍ଯ୍ୟକ୍ରମ କିଛିଦିନ ଘୁଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଫେସର ରାମଚନ୍ଦ୍ର ସାମନ୍ତରାୟ, ଅଶୋକ ପ୍ରଧାନ, ଭଗବାନ ସୁବୁଦ୍ଧି, ବିଶ୍ୱଜିତ୍ ବଡଜେନା, ଲତାମଣି ଜଗଦେବ, ସୁକାନ୍ତ ବଳିୟାରସିଂହ, ଅଜୟ ପ୍ରଧାନ, ଲଲାଟ ନିଶଙ୍କ, ପ୍ରଫୁଲ୍ଲ ପ୍ରଧାନ, ତରୁଣସେନ ସ୍ୱାଇଁ, ବଜେନ୍ଦ୍ର ସ୍ୱାଇଁ ଆଲୋଚନାରେ ଭାଗନେଇଥିଲେ।

# ତଳି ଅଞ୍ଚଳବାସୀ ସ୍ଥାନାନ୍ତର

- ଜୱାଦ ପ୍ରଭାବରେ ବର୍ଷା
- ପୁରୀରେ ପହଞ୍ଚିଲେ ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଟିମ୍

**ପୁରୀ ଅଫିସ/ ବ୍ରହ୍ମଗିରି/କାକଟପୁର, ୩। ୧୨ ( ଡି.ଏନ.ଏ):**

ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ 'ଜୱାଦ' କ୍ରମଶଃ ଘନୀଭୂତ ହୋଇ ଅବପାତର ରୂପ ନେଇସାରିଛି। ଆସନ୍ତା ୫ତାରିଖରେ ଏହା ପୁରୀ ଜିଲାର କୌଣସି ସ୍ଥାନରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଶୁକ୍ରବାର ଅପରାହ୍ନରୁ ପୁରୀରେ ଝିପିଝିପି ବର୍ଷା ଆରମ୍ଭ ହୋଇଛି। ସେହିପରି ବେଳାଭୂମି ଏକପ୍ରକାର ଜନଶୂନ୍ୟ ହୋଇପଡ଼ିଛି। ଅନ୍ୟପଟେ ଜୱାଦ ମୁକାବିଲା ପାଇଁ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡ୍‌ରେ ନେଇ ଓସ୍‌ୱାନ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜିଲାରେ ଥିବା ୧୭୦ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ସମେତ ପ୍ରାୟ ୪ଶହ ସ୍କୁଲ ଓ କମ୍ୟୁନିଟି ହଲ୍‌ରେ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି। ଗୋପ, ବ୍ରହ୍ମଗିରି, ପୁରୀ ସଦର, କାକଟପୁର, ଅସ୍ତରଙ୍ଗ, କଣାସ, କୃଷ୍ଣପ୍ରସାଦ ବ୍ଲକର ୧୫୨ ଜଣ ଆସନ୍ନା ପ୍ରସବାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସମସ୍ତ ଆଶ୍ରୟସ୍ଥଳୀରେ ଖାଦ୍ୟ, ପାନୀୟଜଳ, ଔଷଧ ସମେତ ଆବଶ୍ୟକ ବ୍ୟବସ୍ଥା ହୋଇଛି। ବିଶେଷକରି ଗର୍ଭବତୀ ମହିଳା, ବୃଦ୍ଧାବୃଦ୍ଧ ଓ ଶିଶୁଙ୍କ ଉପରେ ଅଧିକ ନଜର ରଖାଯାଇଛି।

ଜିଲାରେ ଗୋଟିଏ ଏନ୍‌ଡିଆର୍‌ଏଫ୍, ଗୋଟିଏ ଓଡ୍ରାଫ ଓ ୬ଟି ଅଗ୍ନିଶମ ବାହିନୀ ଟିମ୍‌କୁ ସଜାଗ ରଖାଯାଇଛି। ପୁରୀ, ଅସ୍ତରଙ୍ଗ ଓ କୋଣାର୍କ ସମୁଦ୍ର କୂଳବର୍ତ୍ତୀ ଏବଂ ତଳିଆ ଅଞ୍ଚଳ ଲୋକଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଅନେକ ଲୋକ ଏବେଠୁ ଘର ଛାଡ଼ିବାକୁ ରାଜି ହେଉ ନ ଥିବାରୁ ଶନିବାର ସକାଳ ସୁଦ୍ଧା ସମସ୍ତଙ୍କୁ ସ୍ଥାନାନ୍ତର କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଆବଶ୍ୟକ ସ୍ଥଳେ ନିରବଚ୍ଛିନ୍ନ ଯୋଗାଯୋଗ ନିମନ୍ତେ ଅଗ୍ନିଶମ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ ଓ ଡାକ୍ତରୀ ଦଳ ପ୍ରସ୍ତୁତ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଜରୁରିକାଳୀନ ସେବା ଯେପରି ଅବ୍ୟାହତ ରହିବ ସେନେଇ ସଜାଗ ରହିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଜରୁରିକାଳୀନ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ପ୍ରତି ବ୍ଲକରେ ମଧ୍ୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରହିବ। ଜିଲାର ୨୫ ହଜାର ହେକ୍ଟର ଜମିରୁ ଅମଳ ଶସ୍ୟକୁ କ୍ଷେତରୁ ନେଇ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ଆବଶ୍ୟକ ସ୍ଥଳେ ଧାନ ସଂଗ୍ରହ କେନ୍ଦ୍ରରେ ଅମଳ ଧାନ ରଖିବା ପାଇଁ ବ୍ୟବସ୍ଥା ହୋଇଛି। ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯିବ। ସମୁଦ୍ରକୂଳରେ ଲାଇଫଗାର୍ଡ ମୁତୟନ କରାଯାଇଛି। ସୁରକ୍ଷିତ ଭାବେ ସମସ୍ତ ଡଙ୍ଗା କୂଳକୁ ଫେରିଆସିଥିବା ସୂଚନା ଦିଆଯାଇଛି। ଭୟଭୀତ ନ ହୋଇ ଜିଲାବାସୀ ଧୈର୍ଯ୍ୟ ଓ ସାହସର ସହ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ଜିଲା ପ୍ରଶାସନ ପକ୍ଷରୁ ଅପିଲ କରାଯାଇଛି। କୌଣସି ସହାୟତା ଓ ସୂଚନା ପାଇଁ ଜରୁରିକାଳୀନ ଫୋନ୍ ନମ୍ବର ୦୬୭୫୨-୨୨୩୨୩୭ ଜାରି କରାଯାଇଛି। ବାତ୍ୟା ପରବର୍ତ୍ତୀ ପରିସ୍ଥିତିର ମୁକାବିଲା ଓ ଠିକ କ୍ଷୟକ୍ଷତି ଆକଳନ ଉପରେ ଗୁରୁତ୍ୱ ଦିଆଯାଇଛି। ବ୍ରହ୍ମଗିରି ବ୍ଲକରେ ୩୩ଟି ବାତ୍ୟା ଆଶ୍ରୟସ୍ଥଳୀ, ୭୮ଟି ବିଦ୍ୟାଳୟକୁ ପ୍ରସ୍ତୁତ କରାଯାଇଛି। ତୋରଣ, ଆମ୍ବପଡା ପଞ୍ଚାୟତ, ମୋଟ ଆଦି ତଳି ଅଞ୍ଚଳ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି ବୋଲି ବିଡିଓ ଜ୍ୟୋତିପ୍ରକାଶ ସେଠୀ କହିଛନ୍ତି। ସେହିପରି କାକଟପୁର ବିଡିଓ ତୁଷାର ଜ୍ୟୋତି ରଞ୍ଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲୋକଙ୍କୁ ସ୍ଥାନାନ୍ତର, ଖାଦ୍ୟ, ଔଷଧ ବିତରଣ ଓ ଗର୍ଭବତୀଙ୍କୁ ଚିକିତ୍ସାଳୟକୁ ଆଣିବା ପ୍ରଭୃତି ବିଷୟରେ ଆଲୋଚନା ହୋଇଛି। ବୈଠକରେ ତହସିଲଦାର ବିରଞ୍ଚି ନାରାୟଣ ବେହେରା, ପଞ୍ଚାୟତ ଅଧିକାରୀ ସୁବ୍ରତ ପରିଡ଼ା, ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀମାନେ ।




'ଜୱାଦ' ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ।

## ଖୋଲିଲା କଣ୍ଟ୍ରୋଲ ରୁମ୍

**ଡେଲାଙ୍ଗ,୩।୧୨(ଡି.ଏନ.ଏ.)**

ସମ୍ଭାବ୍ୟ ବାତ୍ୟାକୁ ନେଇ ଡେଲାଙ୍ଗ ବ୍ଲକ ପ୍ରସାଶନ ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ତହସିଲଦାର ନିବେଦିତା ପରିଡ଼ା, ଥାନାଧିକାରୀ ଅନିଲ ମହାନ୍ତି ପ୍ରମୁଖ ଯୋଗଦେଇ ବାତ୍ୟା ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହିତ ବ୍ଲକ ପ୍ରଶାସନ ପକ୍ଷରୁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ନମ୍ବର ୮୨୪୯୯୮୨୦୩୨, ୯୯୩୭୭୬୭୨୮୮, ୬୩୭୦୨୭୫୩୬ ଜାରି କରାଯାଇଛି। ତହସିଲ ଓ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବାତ୍ୟା ସମୟରେ ହେଡକ୍ୱାର୍ଟରରେ ଉପସ୍ଥିତ ରହିବେ। ୨୧ଟି ପଞ୍ଚାୟତରେ ଥିବା ଚାଳଛପର, ଆଜବେଷ୍ଟସ ଓ ଜରିପାଲରେ ରହୁଥିବା ଲୋକଙ୍କୁ ଆଶ୍ରୟସ୍ଥଳକୁ ନିଆଯିବ। ସେହିପରି ଡେଲାଙ୍ଗ ଅଗ୍ନିଶମ ବିଭାଗ ଅଧିକାରୀ ଚନ୍ଦ୍ରଶେଖର ଜେନା ପ୍ରସ୍ତାବ ରଖି ଜରୁରିକାଳୀନ ଫୋନ୍ ନମ୍ବର ୦୬୭୫୮-୨୪୨୩୦୧ଜାରି କରିଛନ୍ତି । ଏଯାବତ ୧୩,୫୦୦ ହେକ୍ଟର ଜମିରେ ଧାନ ରହିଥିବା ବେଳେ ୩,୫୦୦ ହେକ୍ଟର ଜମିରେ ଧାନ କଟା ସରିଛି ବୋଲି ବ୍ଲକ କୃଷି ଅଧିକାରୀ ରାକେଶ ରାଉତ କହିଛନ୍ତି। ବୈଠକରେ ସହକାରୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, ଜେଇ ଜଗନ୍ନାଥ ରାଉତ, ଚିତ୍ରପ୍ରଭା ନାୟକ, ଗ୍ରାମାଞ୍ଚଳ ପାନୀୟ ଜଳ ଓ ପରିମଳ ଯନ୍ତ୍ରୀ ସ୍ୱାଗତିକା ପ୍ରଧାନ, ଯୋଗାଣ ଅଧିକାରୀ ବିଶ୍ୱଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ସହ ଆଲୋଚନା କଲେ ସଞ୍ଜୟ

**ପୁରୀ ଅଫିସ,୩।୨୧**

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ନେଇ ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କ ସହ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ସମ୍ଭାବ୍ୟ ବାତ୍ୟା ପୁରୀ ଜିଲାରେ ସ୍ଥଳ ଭାଗ ଛୁଇଁବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ସମୁଦ୍ର ଓ ଚିଲିକା ନିକଟବର୍ତ୍ତୀ ବ୍ଲକ କୃଷ୍ଣପ୍ରସାଦ, ବ୍ରହ୍ମଗିରି, ପୁରୀ ସଦର, ଗୋପ, କାକଟପୁର, ଅସ୍ତରଙ୍ଗ ଆଦି ଅଞ୍ଚଳର ତଳିଆ ସ୍ଥାନରେ ରହୁଥିବା ବ୍ୟକ୍ତିଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ଦେବା ବ୍ୟବସ୍ଥା କରିବାକୁ ଦାସବର୍ମା ପରାମର୍ଶ ଦେଇଛନ୍ତି। ଏଥିସହ କୃଷ୍ଣପ୍ରସାଦର ଚିଲିକା ମଧ୍ୟରେ ଥିବା ୧୪ଟି ପଞ୍ଚାୟତ ବିଶେଷ କରି ମହିଷା ଓ ବ୍ରହ୍ମପୁର ଗ୍ରାମରେ ଶୃଙ୍ଖଳା ଖାଦ୍ୟ ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇପାରିବ ଏନେଇ ଦାସବର୍ମା ଗୁରୁତ୍ୱାରୋପ କରିଛନ୍ତି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବାତ୍ୟା ପରବର୍ତ୍ତୀ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ନ ହୁଏ ସେଥିପାଇଁ ବ୍ଲକ ପ୍ରଶାସନ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳସେଚନ ଓ ଯୋଗାଣ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ତହସିଲଦାର, ବିଡିଓ, ଥାନାଧିକାରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ କହିଛନ୍ତି।

## ୪ ଆଶ୍ରୟସ୍ଥଳୀ, ବିଦ୍ୟାଳୟ ପ୍ରସ୍ତୁତ

**ସାକ୍ଷୀଗୋପାଳ,୩।୧୨(ଡି.ଏନ.ଏ.)**

ଜୱାଦର ପ୍ରଭାବରେ ଶୁକ୍ରବାର ସତ୍ୟବାଦୀ ଅଞ୍ଚଳରେ ଅପରାହ୍ନ ୩ଟାରୁ ଝିପିଝିପି ବର୍ଷା ଆରମ୍ଭ ହୋଇଛି। ୪ଟି ବାତ୍ୟା ଆଶ୍ରୟସ୍ଥଳ ଓ ସମସ୍ତ ବିଦ୍ୟାଳୟକୁ ପ୍ରସ୍ତୁତ ରଖାଯାଇଛି ବୋଲି ବିଡିଓ କ୍ଷୀରୋଦ ବେହେରା କହିଛନ୍ତି। ତଳିଆ ଅଞ୍ଚଳର କଚ୍ଚା ଘର ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବ ବୋଲି ସେ କହିଛନ୍ତି । ବାତ୍ୟାକୁ ନେଇ ରାଶନ ସାମଗ୍ରୀ ଓ ପନିପରିବା ନେବାକୁ ବଜାରରେ ଭିଡ଼ ଲାଗିଥିଲା। ବର୍ଷାରେ ଫୁଲକୋବି ଚାଷୀମାନେ କ୍ଷତିଗ୍ରସ୍ତ ହେବା ଆଶଙ୍କା ଥିବାରୁ ସକାଳୁ ବଜାରକୁ ଅଧିକ କୋବି ପହଞ୍ଚିଥିଲା। ପୂର୍ବରୁ କୋବି ଗୋଟା ପ୍ରତି ୪୦ ଟଙ୍କା ମୂଲ୍ୟରେ ବିକ୍ରି ହେଉଥିବାବେଳେ ଶୁକ୍ରବାର ଚାଷୀମାନେ ଫୁଲକୋବି ୧୫ ଟଙ୍କା ମୂଲ୍ୟରେ ବିକିଥିଲେ। ଆଳୁ ଦର ବୃଦ୍ଧି ଅଭିଯୋଗକ୍ରମେ ଏମ୍‌ଆଇ ଜୟନ୍ତୀ ହରିଚନ୍ଦନ ବଜାରରେ ପହଞ୍ଚି ଦର ନିୟନ୍ତ୍ରଣ କରିବା ସହ ଆଳୁ ୧୫ ଓ ପିଆଜ ୩୦ ଟଙ୍କା ଦରରେ ବିକ୍ରୟ ନିମନ୍ତେ ଦର ତାଲିକା ଲଗାଇବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଳୁ, ପିଆଜ ଚଢ଼ା ଦରକୁ ନେଇ ଚଢ଼ାଉ

**ସାକ୍ଷୀଗୋପାଳ,୩।୧୨(ସ୍ୱ.ପ୍ର.)**

ସତ୍ୟବାଦୀରେ ଆଳୁ, ପିଆଜ ସାଧାରଣଠାରୁ ଚଢ଼ାଦରରେ ବିକ୍ରି ହେଉଥିଲା। ଖବରପାଇ ଶୁକ୍ରବାର ସତ୍ୟବାଦୀ ବ୍ଲକ ଯୋଗାଣ ନିରୀକ୍ଷିକା ଜୟନ୍ତୀ ହରିଚନ୍ଦନ ସତ୍ୟବାଦୀର ବିଭିନ୍ନ ବଜାର ମଧ୍ୟରେ ଥିବା କିଛି ପରିବା ଦୋକାନ ଉପରେ ଚଢ଼ାଉ କରି ବ୍ୟବସାୟୀମାନଙ୍କୁ ତାଗିଦ କରିଛନ୍ତି। ଏଥିସହିତ ଆଳୁ ଓ ପିଆଜ ବିକ୍ରିକୁ ନେଇ ନିର୍ଦ୍ଦିଷ୍ଟ ମୂଲ୍ୟକୁ ସମସ୍ତ ଦୋକାନରେ ଏକ ଲିଖିତ ତାଲିକା ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣରେ ଆଳୁ ଦର ୧୫ ଟଙ୍କା ଏବଂ ପିଆଜ ୩୦ ଟଙ୍କା ଥିବାବେଳେ ବାତ୍ୟା ଯୋଗୁ ବ୍ୟବସାୟୀମାନେ ଆଳୁ ୨୦ଟଙ୍କା ଓ ପିଆଜ ୩୮ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଥିଲେ। ଏହାକୁ ନେଇ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ପରେ ଯୋଗାଣ ଅଧିକାରୀ ଆଳୁ, ପିଆଜର ନିର୍ଦ୍ଦିଷ୍ଟ ଦରରେ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଦିବ୍ୟାଙ୍ଗମାନେ ଅନ୍ୟଙ୍କ ଲାଗି ମାର୍ଗଦର୍ଶକ

**ଗୋପ,୩।୧୨(ଡି.ଏନ.ଏ.)**

ଦିବ୍ୟାଙ୍ଗମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଫଳରେ ସେମାନେ ଏବେ ଅନ୍ୟମାନଙ୍କ ଲାଗି ମାର୍ଗଦର୍ଶକ ସାଜିଛନ୍ତି ବୋଲି ଶୁକ୍ରବାର ଗଣେଶ୍ୱରପୁରସ୍ଥିତ ମୁକ୍ତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ବିଶ୍ୱ ଭିନ୍ନକ୍ଷମ ଦିବସରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦେବବ୍ରତ ସାହୁ କହିଥିଲେ। ଗୋପ ବ୍ଲକ ସାମାଜିକ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଅଶୋକ ବେହେରା, ପ୍ରଶାନ୍ତ ସାହୁ, ପ୍ରଦୀପ୍ତ ପାଣି ଯୋଗଦେଇ ଦିବ୍ୟାଙ୍ଗମାନେ ଆଜି ଦେଶ ଓ ରାଜ୍ୟରେ ସମସ୍ତ ପ୍ରତିଯୋଗିତା, ବିଭିନ୍ନ ସଂସ୍ଥାରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେମାନଙ୍କୁ ସମସ୍ତ ସରକାରୀ ସହଯୋଗ, ସାହାଯ୍ୟ ସରକାର ମଧ୍ୟ ଯୋଗାଇ ଦେଉଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଦିବ୍ୟାଙ୍ଗ ପିଲାଙ୍କୁ ନେଇ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। ପରେ କୃତୀ ୭୪ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂସ୍ଥାର ଗଣେଶ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ପଣ୍ଡା, ପ୍ରମୋଦ ପ୍ରଧାନ, ରୀତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।




୦୩।୧୨।୨୦୨୧

| ୩,୦୫,୯୭୭ ଟଙ୍କା | |
|---|---|
| ସୁନା | ୧.୧୦୦ ଗ୍ରାମ |
| ରୁପା | ୧୧ ଗ୍ରାମ |

## ସଂକ୍ଷେପରେ

### ଅଟୋ ଚାଳକଙ୍କୁ ସମ୍ମାନିତ କଲେ ଏସ୍‌ପି

**ଯାତ୍ରୀଙ୍କ ସୁନା ପାଇ ଫେରାଇଥିଲେ**

ପୁରୀ ଅଫିସ,୩।୧୨- ସୁନା ଅଳଙ୍କାର ପାଇ ଯାତ୍ରୀଙ୍କୁ ଫେରାଇ ଦେଇଥିବା ପୁରୀର ଅଟୋଚାଳକ ଶ୍ରବଣ କୁମାର ପ୍ରଧାନଙ୍କୁ ଶୁକ୍ରବାର ପୋଲିସ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଏସ୍‌ପି କେ. ବିଶାଲ ସିଂ ତାଙ୍କ କାର୍ଯ୍ୟାଳୟରେ ଶ୍ରବଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଉତ୍ତରୀୟ ଦେଇ ସମ୍ମାନିତ କରିଛନ୍ତି। ଆଗକୁ ମଧ୍ୟ ଏହିପରି ଯାତ୍ରୀମାନଙ୍କୁ ସାହାଯ୍ୟ କରି ପୁରୀର ନାମ ଗୌରବ କରିବାକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ପୁରୀ ହରଚଣ୍ଡୀ ସାହି ଅନ୍ତର୍ଗତ ଡିପଜେଗା ନିକଟରେ ଶ୍ରବଣଙ୍କ ଘର। ସେ ଅଟୋ ଚଲାଇ ପରିବାର ଚଳାନ୍ତି। କିଛିଦିନ ତଳେ ଚକ୍ରତୀର୍ଥ ରୋଡ୍‌ସ୍ଥିତ ଏକ ହୋଟେଲ ନିକଟରେ କେତେଜଣ ଯାତ୍ରୀଙ୍କୁ ନେଇ ନୃସିଂହ ମନ୍ଦିର ନିକଟରେ ଛାଡ଼ିଥିଲେ। ପରେ ସେ ଜାଣିବାକୁ ପାଇଥିଲେ ତାଙ୍କ ଅଟୋରେ ଗୋଟିଏ ବ୍ୟାଗ ରହିଯାଇଛି। ଉକ୍ତ ବ୍ୟାଗରେ ସୁନାଗହଣା ଏବଂ କିଛି ସାମଗ୍ରୀ ଥିବା ଦେଖିଥିଲେ। ଏ ନେଇ ସେ ତାଙ୍କ ଅଟୋ ସଂଘ ସଭାପତି, ସମ୍ପାଦକ ଏବଂ ସିଟି ଡିଏସ୍‌ପିଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସିଟି ଡିଏସ୍‌ପି ଜାଣିବା ପରେ ସମୁଦ୍ରକୂଳ ଥାନା ଅଧିକାରୀଙ୍କୁ ଅବଗତ କରାଇଥିଲେ। ସେଠାରେ ସମସ୍ତ ଜିନିଷକୁ ହସ୍ତାନ୍ତର କରାଯାଇଥିଲା। ପରେ ଶ୍ରବଣ ନିଜେ ଏବଂ ନିଜର ପରିବାର ସହ ସହରର ବିଭିନ୍ନ ସ୍ଥାନ ଉପରେ ଖୋଜାଖୋଜି କରିଥିଲେ। ପରେ ଯାତ୍ରୀମାନେ ହୋଟେଲ ସାଗର ତରଙ୍ଗରେ ଥିବାବେଳେ ସେମାନେ ବାଲେଶ୍ୱର ଅଞ୍ଚଳର ବୋଲି ଜାଣିବାକୁ ପାଇଥିଲେ। ପୋଲିସର ଉପସ୍ଥିତିରେ ଜିନିଷ ଯାତ୍ରୀଙ୍କୁ ହସ୍ତାନ୍ତର କରିଥିଲେ।

### ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଲେ ମହାପ୍ରଭୁ

ପୁରୀ ଅଫିସ, ୩।୧୨: ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ଦେବଦୀପାବଳି ନୀତି ଆରମ୍ଭ ହୋଇଛି। ଏହି ୩ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ଦେବେ। ଶୁକ୍ରବାର ସନ୍ଧ୍ୟାଧୂପ ନୀତି ପରେ ଅଦିତି ଓ କଶ୍ୟପଙ୍କ ଉଦ୍ଦେଶ୍ୟରେ ମହାପ୍ରଭୁ ଦୀପ ଦାନ କରିବା ସହ ଶ୍ରାଦ୍ଧ ଦେଇଛନ୍ତି। ଏହି ଅବସରରେ ଶ୍ରୀବିଗ୍ରହମାନେ ଶ୍ରାଦ୍ଧ ବେଶ ଧାରଣ କରିଥିଲେ। ଶ୍ରୀମନ୍ଦିରରେ ମହାଦୀପ



ପ୍ରଜ୍ୱଳିତ ହୋଇଥିଲା। ସନ୍ଧ୍ୟାଧୂପ ପରେ ପୁଷ୍ପାଳକ ସେବାୟତମାନେ ମହାପ୍ରଭୁଙ୍କୁ ଶ୍ରାଦ୍ଧ ବେଶରେ ଭୂଷିତ କରାଇଥିଲେ। ଏହି ବେଶରେ ଶ୍ରୀବିଗ୍ରହମାନେ ଧଳାବସ୍ତ୍ର ପରିଧାନ କରିଥିଲେ। ଏଥିସହ ତଡ଼ଗୀ, ନଳୀଭୁଜ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳୀ, ଆଡ଼କାନି, ହରିଡ଼ା ମାଳି, କମରପଟି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ। ସନ୍ଧ୍ୟାଧୂପ ନୀତି ବଢ଼ି ଧୋପଖାଳ ହେବା ପରେ ରତ୍ନସିଂହାସନ ତଳେ ଭଣ୍ଡାରମେକାପ ଚାଉଳରେ ଗୋଟିଏ ଗଛ ନିର୍ମାଣ କରିଥିଲେ। ପାଳିଆ ମେକାପ ଏହି ଗଛରେ ୨୮ଟି ଦୀପ ବସାଇଥିଲେ। ୩ଟି ସୁନାଆଳତି ଲଗାଇବା ପରେ ପୂଜାପଣ୍ଡା ସେବକ ଉକ୍ତ ଗଛ ଓ ଦୀପଗୁଡ଼ିକୁ ସଂସ୍କାର କରିଥିଲେ। ଏହାପରେ ପୂଜାପଣ୍ଡା, ପତି ମହାପାତ୍ର ଏବଂ ମୁଦିରସ୍ତ ସେବକମାନେ ସିଂହାସନ ଉପରକୁ ଉଠି ତିନିବାଡ଼ ଓ ତିନୋଟି ମହାଦୀପରେ ବନ୍ଦାପନା କରିଥିଲେ। ୩ଜଣ ପୂଜାପଣ୍ଡା ମହାଦୀପଗୁଡ଼ିକୁ ଧରି ଜୟବିଜୟ ଦ୍ୱାର ଭିତର ପାଖକୁ ଆସିଥିଲେ। ସେଠାରେ ଉକ୍ତ ଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କରି ପାଣି ପକାଇଥିଲେ। ପରେ ସେହି ମହାଦୀପ କଳସଗୁଡ଼ିକୁ ପାଳିଆ ଚୁନରାଙ୍କୁ ଦିଆଯାଇଥିଲା। ବଡ଼ଓଡ଼ିଆ ମଠ ଦେଇଥିବା ତେଲ ଓ ଘିଅ ନେଇ ଚୁନରା ସେବକ ଶ୍ରୀମନ୍ଦିର ଅଁଳାବେଢ଼ା ଉପରେ ଦୀପଗୁଡ଼ିକୁ ଜାଳିଥିଲେ।

## ବେଳାଭୂମି ପଦଯାତ୍ରାରେ ସ୍ୱଚ୍ଛ କୋଣାର୍କ ବାର୍ତ୍ତା

**କୋଣାର୍କ,୩।୧୨(ଡି.ଏନ୍.ଏ.)**

କୋଣାର୍କ ଉତ୍ସବ ଅବସରରେ ଶୁକ୍ରବାର ସ୍ୱଚ୍ଛ କୋଣାର୍କ ଓ ସବୁଜ କୋଣାର୍କ ବାର୍ତ୍ତା ନେଇ ରାମଚଣ୍ଡୀରୁ ଚନ୍ଦ୍ରଭାଗା ବେଳାଭୂମି ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ସ୍ୱେଚ୍ଛାସେବୀ, ଯୁବଗୋଷ୍ଠୀ, ସାମାଜିକ କର୍ମୀ, ଛାତ୍ରୀଛାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଅତିଥିଭାବେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ଆୟୁଷ ଡାକ୍ତର ବିଧୁଭୂଷଣ ନାୟକ, କୋଣାର୍କ ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ, କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, ୱେବ ମିଡିଆ ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏବେ ବହୁ ମାତ୍ରାରେ ପ୍ରଦୂଷଣ ବଢୁଥିବାରୁ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ବେଳାଭୂମି ସ୍ୱଚ୍ଛତା ଦିଗରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ପରିବେଶ ସ୍ୱଚ୍ଛ ରହିଲେ ଆମେ ନୀରୋଗ ରହିପାରିବା ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାମକୃଷ୍ଣ ମହାନ୍ତି, ସାମ୍ବାଦିକ ସଂଘ ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ପାତ୍ର, ଅକ୍ଷୟ ନାୟକ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ରାଜେଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପଦଯାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଚନ୍ଦ୍ରଭାଗା ବେଳାଭୂମିରେ ଏହି ପଦଯାତ୍ରା ଉଦ୍‌ଯାପିତ ହୋଇଥିଲା। ଏହି ଅବସରରେ ସମସ୍ତ ପଦଯାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ କୋଣାର୍କ ସାମ୍ବାଦିକ ସଂଘ ସଭାପତି ଜ୍ୟୋତିରାଜ ମହାନ୍ତି, ଉପସଭାପତି ଭାଗୀରଥି ସ୍ୱାଇଁ, ସମ୍ପାଦକ ମନୋରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଅଜିତ ମଲ୍ଲିକ, ସୁକାନ୍ତ ବିଶ୍ୱାଳ, ଗଣେଶ ବେହେରା, ସନ୍ତୋଷ ରାୟ ପ୍ରମୁଖ ପରିଚାଳନା କରିଥିଲେ।

# ପୁରୀବାସୀଙ୍କ ମନରେ ଛନକା

**ପୁରୀ ଅଫିସ ୩।୧୨:**

ସମ୍ଭାବ୍ୟ ବାତ୍ୟା ଜୱାଦକୁ ନେଇ ପୁରୀବାସୀଙ୍କ ମନରେ ଛନକା ପଶିଛି। ବିଶେଷକରି ସମୁଦ୍ରକୂଳବର୍ତ୍ତୀ ପେଣ୍ଠକଟା ବାସିନ୍ଦା ଅଧିକ ଭୟଭୀତ ହୋଇପଡ଼ିଛନ୍ତି। ୧୯୯୯ ମହାବାତ୍ୟା ଏବଂ ୨୦୧୯ ଫନୀ ବାତ୍ୟା ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ଯଦି ଏଥର ଜୱାଦ ପୁରୀ ଉପକୂଳରେ ସ୍ଥଳଭାଗ ଛୁଏଁ ତେବେ ପେଣ୍ଠକଟା ବସ୍ତିବାସିନ୍ଦା ସବୁଠୁ ଅଧିକ ପ୍ରଭାବିତ ହେବେ।



"ବିଭିନ୍ନ ଗଣମାଧ୍ୟମ ଓ ଜିଲା ପ୍ରଶାସନ ପକ୍ଷରୁ ବାତ୍ୟା ସମ୍ପର୍କରେ ସୂଚନା ପାଇଛୁ। ବାତ୍ୟା ଖବର ଶୁଣି ଭୟ ଲାଗୁଛି, ମାତ୍ର ସମ୍ମୁଖୀନ ପାଇଁ ଆମେ ପ୍ରସ୍ତୁତ ରହିଛୁ। ପୂର୍ବରୁ ମଧ୍ୟ ଫନୀକୁ ସାମ୍ନା କରିଥିଲୁ। ତେବେ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ଆସି ସ୍ଥାନାନ୍ତର ହେବା ସମ୍ପର୍କରେ ସୂଚନା ଦେଇନାହାନ୍ତି। ଯଦି ବାତ୍ୟାର ପ୍ରଭାବ ବଢ଼େ ତେବେ ଆମେ ସମସ୍ତେ ବସ୍ତି ଛାଡ଼ି ନିରାପଦ ସ୍ଥାନକୁ ଚାଲିଯିବୁ। ଗତ ଫନୀ ବାତ୍ୟାରେ ପେଣ୍ଠକଟା ଅଞ୍ଚଳର ପ୍ରାୟ ସମସ୍ତଙ୍କ ଘର ଭାଙ୍ଗିଯାଇଥିଲା। ଇତିମଧ୍ୟରେ ୩ ବର୍ଷ ପୂରିବାକୁ ବସିଲାଣି, ମାତ୍ର ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ କ୍ଷୟକ୍ଷତି ପ୍ରଦାନ କରାଯାଇ ନାହିଁ। ଯେତିକି ଦିଆଯାଇଛି ତାହା ସମୁଦ୍ରକୁ ଶଙ୍ଖେ। ଆବାସ ଯୋଜନା ମାଧ୍ୟମରେ ବସ୍ତି ବାସିନ୍ଦାଙ୍କୁ ପକ୍କାଘର ଦେବାକୁ ନିବେଦନ କଲେ ବି ପ୍ରଶାସନ ଶୁଣୁନାହିଁ। ପକ୍କା ଘର ଥିଲେ ବାତ୍ୟା ବେଳେ କମ୍ ଭୟ ରହନ୍ତା।

– ବାବୁଲା ପ୍ରସାଦ



"ବାତ୍ୟା ଖବର ଶୁଣି ଭୟ ଲାଗୁଛି। ବସ୍ତି ଅଞ୍ଚଳ ହୋଇଥିବାରୁ ଘର ଭାଙ୍ଗିବାର ସମ୍ଭାବନା ରହିଛି। ଯଦି ଜୋର୍ ପବନ ବହେ ତେବେ ଆଶ୍ରୟସ୍ଥଳୀକୁ ଚାଲିଯିବୁ। ସରକାରଙ୍କ ନିର୍ଦ୍ଦେଶ ମାନି କେହି ମତ୍ସ୍ୟଜୀବୀ ଡଙ୍ଗା ନେଇ ସମୁଦ୍ରକୁ ଯାଇନାହାନ୍ତି। ଯେଉଁମାନେ ଯାଇଥିଲେ ସମସ୍ତେ ଫେରିଆସିଛନ୍ତି। ଡଙ୍ଗାଗୁଡ଼ିକୁ ଉଚ୍ଚ ସ୍ଥାନରେ ବାନ୍ଧି ଦେଇଛନ୍ତି। ବାତ୍ୟା ଯେପରି କିଛି କ୍ଷୟକ୍ଷତି ନ କରିବ ସେଥିପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଛୁ।

– କେ.ରାଜୁ



"ବାତ୍ୟା ଖବର ଶୁଣି ମନରେ ଛନକା ପଶିଛି। ପୂର୍ବରୁ ଫନୀ ବାତ୍ୟାର ବିଭୀଷିକାକୁ ଅଙ୍ଗେ ନିଭାଇଛୁ। ଏପର୍ଯ୍ୟନ୍ତ ପେଣ୍ଠକଟା ଅଞ୍ଚଳରେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଏଠାରେ ପ୍ରାୟ ୫ ହଜାର ଲୋକ ବାସ କରୁଥିବା ବେଳେ ଗୋଟିଏ ମାତ୍ର ବାତ୍ୟା ଆଶ୍ରୟସ୍ଥଳୀ ଓ ଗୋଟିଏ ସ୍କୁଲ ରହିଛି।

– ରାଜେଶ ନନ୍ଦ



"ବାତ୍ୟା ଖବର ଶୁଣି ପୁରୀବାସୀ ଚିନ୍ତିତ ହୋଇପଡ଼ିଛନ୍ତି। ଗତ ଫନୀ ବାତ୍ୟାର କ୍ଷତ ଲୋକଙ୍କ ମନରୁ ଲିଭିନାହିଁ। ଯଦି ବାତ୍ୟା ହୁଏ ଲୋକେ କ'ଣ ଖାଇବେ ଓ କିପରି ରହିବେ ସେଥିପ୍ରତି ପ୍ରଶାସନର ଦୃଷ୍ଟି ନାହିଁ। ଲୋକଙ୍କୁ ଏପର୍ଯ୍ୟନ୍ତ ସ୍ଥାନାନ୍ତର କରାଯାଇ ନାହିଁ। ଲୋକଙ୍କ ତୁଳନାରେ ଆବଶ୍ୟକସଂଖ୍ୟକ ବାତ୍ୟା ଆଶ୍ରୟସ୍ଥଳୀ ନାହିଁ। ବାତ୍ୟା ଆଶ୍ରୟସ୍ଥଳୀରେ ଆଲୋକ ବ୍ୟବସ୍ଥା ହୋଇନାହିଁ।

– ବିଶୁଦ୍ଧାନନ୍ଦ ଜେନା, ସାମାଜିକ କର୍ମୀ



କୋଣାର୍କ ଉତ୍ସବ ଅବସରରେ ଶୁକ୍ରବାର ସ୍ୱଚ୍ଛ କୋଣାର୍କ ଓ ସବୁଜ କୋଣାର୍କ ବାର୍ତ୍ତା ନେଇ ରାମଚଣ୍ଡୀରୁ ଚନ୍ଦ୍ରଭାଗା ବେଳାଭୂମି ଅଭିମୁଖେ ବାହାରିଥିବା ପଦଯାତ୍ରା ।




ସତ୍ୟବାଦୀ ବ୍ଲକର ଜୟପୁର ଦେବରାଜ ମଣ୍ଡପରେ ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ଆୟୋଜିତ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମରେ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି ।



ସମ୍ଭାବ୍ୟ ବାତ୍ୟା ଭୟରେ ଶୁକ୍ରବାର ପୁରୀ ବେଳାଭୂମିରେ ମତ୍ସ୍ୟଜୀବୀମାନେ ନିଜ ଡଙ୍ଗା ସୁରକ୍ଷିତ ରଖିବା ନିମନ୍ତେ ବାନ୍ଧି ଦେଉଛନ୍ତି।

## ସଂକ୍ଷେପରେ

### ଆକ୍ରମଣ କରି ୨ ଲକ୍ଷ ଲୁଟ୍ ଘଟଣା, ୨ ଗିରଫ

**ବାଲକାଟୀ,୩।୧୨(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ବାଲକାଟୀ ବଜାରରେ ଗତ ୩୦ତାରିଖରେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କୁ ଆକ୍ରମଣ କରି ୨ଲକ୍ଷ ଟଙ୍କା ଲୁଟ ଘଟଣାରେ ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଖାଲ ଗ୍ରାମର ଡି. ଅବିନ ଓ କୋଦଳା ଥାନା ଅଞ୍ଚଳର ପି.ରାଜା। ସୂଚନାଯୋଗ୍ୟ, ବାଲକାଟୀ ନୂଆପାଟଣା ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ ଜଗନ୍ନାଥ ସାହୁ ଗତ ୩୦ତାରିଖରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କରୁ ଘରକାମ ଲାଗି ୨ ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖି ଘରକୁ ଫେରୁଥିଲେ। ବାଟରେ ୪ଜଣ ଯୁବକ ତାଙ୍କୁ ପିଛା କରି ବଜାର ନିକଟରେ ଅଟକାଇଥିଲେ। ୨ଜଣ ଯୁବକ ଜବରଦସ୍ତି ଗାଡ଼ି ଚାବି ଛଡ଼ାଇବା ସହ ଆକ୍ରମଣ କରି ଟଙ୍କା ବାହାର କରିଥିଲେ। ଏହି ସମୟରେ ଜଗନ୍ନାଥ ପାଟି କରିବାରୁ ସ୍ଥାନୀୟ ଲୋକେ ଦୌଡ଼ି ଆସି ଅବିନ ଓ ରାଜାଙ୍କୁ କାବୁ କରିଥିଲେ। ହେଲେ ଅନ୍ୟ ୨ ଜଣ ଫେରାର ହୋଇଯାଇଥିଲେ। ଲୋକେ ଧରିଥିବା ୨ଦୁର୍ବୃତ୍ତଙ୍କୁ ଉତ୍ତମ ମଧ୍ୟମ ଦେଇଥିବା ବେଳେ ଖବରପାଇ ପୋଲିସ ଆସି ଅଭିଯୁକ୍ତ ଦ୍ୱୟଙ୍କୁ ପ୍ରଥମେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଲୋକଙ୍କ ମାଡ଼ରେ ଗୁରୁତର ଥିବାବେଳେ ବୁଧବାର ଭଲ ହେବା ପରେ ୨ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଏହାପୂର୍ବରୁ ଏହି ୨ ଅଭିଯୁକ୍ତ ସ୍ଥାନୀୟ ଏକ ମାଂସ ଦୋକାନୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ସୂଚନା ଦେଇଛି।

### ନିଶା ବେପାରୀ ଟକ୍‌ଲୁ ରାଜାଙ୍କ ୨ କୋଟିର ସମ୍ପତ୍ତି ବାଜ୍ୟାପ୍ତ

**ଭୁବନେଶ୍ୱର,୩।୧୨(ବ୍ୟୁରୋ):** ଗିରଫ ହୋଇ ଜେଲରେ ଥିବା ବାଲେଶ୍ୱରର ବ୍ରାଉନସୁଗାର ବେପାରୀ ସେକ୍ ସମିର୍‌ଉଦ୍ଦିନ ଓରଫ ଟକ୍‌ଲୁ ରାଜାଙ୍କ ୨ କୋଟିର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଛି। ଏନେଇ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଶୁକ୍ରବାର ସୂଚନା ଦେଇଛି। ବାଜ୍ୟାପ୍ତି ସମ୍ପତ୍ତିରେ ୧୧ଟି ପ୍ଲଟ ଓ ବ୍ୟାଙ୍କ ଜମା ରାଶି ରହିଛି। ଜବତ ସମ୍ପତ୍ତିକୁ ବାଜ୍ୟାପ୍ତି ପାଇଁ କୋଲକାତାସ୍ଥିତ ଏନ୍‌ଡିପିଏସ୍ ଶାଖା ଅନୁମତି ପ୍ରଦାନ କରିବା ପରେ ଏସ୍‌ଟିଏଫ୍ ଏହାକୁ କାର୍ଯ୍ୟକାରୀ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଟକ୍‌ଲୁ ରାଜା ରାଜ୍ୟ ବାହାରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱର, ଭଦ୍ରକ, ପୁରୀ ଆଦି ବିଭିନ୍ନ ସହରରେ ଥିବା ଏଜେଣ୍ଟଙ୍କୁ ବିକ୍ରି କରୁଥିଲେ। ଧରା ନ ପଡ଼ିବା ପାଇଁ ସେ ୫୦ରୁ ଅଧିକ ସିମ୍ ବ୍ୟବହାର କରିବା ସହ ପାସ୍‌ପୋର୍ଟ କରି ବିଦେଶ ବୁଲୁଥିଲେ। ୨୦୨୦ ଫେବୃୟାରୀ ୨୩ରେ ବାଲେଶ୍ୱରର ସଞ୍ଜୀବ ଦେହୁରୀ ଓ ସେକ୍ ଆରୁଖ୍ ତାଙ୍କଠୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରରେ ବିକ୍ରି କରିବାକୁ ଆସିଥିଲେ। ବରମୁଣ୍ଡାସ୍ଥିତ ପେଟ୍ରୋଲ ଟାଙ୍କି ନିକଟରେ ଏସ୍‌ଟିଏଫ୍ ସେମାନଙ୍କୁ ଗିରଫ କରିବା ସହ ୪୦ ଲକ୍ଷ ଟଙ୍କାର ୪୦୫ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ପଚରାଉଚରା ପରେ ଏହି ର୍‍ୟାକେଟରେ ଟକ୍‌ଲୁ ରାଜାଙ୍କ ଲିଙ୍କ୍ ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଏସ୍‌ଟିଏଫ୍ ମାମଲା (ନଂ.୧୪ /୨୦) ରୁଜୁ କରି ତାଙ୍କୁ ଖୋଜୁଥିବା ଜାଣିବା ପରେ ଟକ୍‌ଲୁ ରାଜା ଫେରାର ହୋଇଯାଇଥିଲେ। ଶେଷରେ ଗତ ମାର୍ଚ୍ଚ ୩୦ରେ ବାଲେଶ୍ୱର ଜିଲା କୋର୍ଟରେ ସେ ଆତ୍ମ ସମର୍ପଣ କରିଥିଲେ।

### 'ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କର'

**ବୋଲଗଡ଼,୩।୧୨(ଡି.ଏନ୍.ଏ.):** ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ବୋଲଗଡ଼ ଗୋଷ୍ଠୀ ସାଧନ କେନ୍ଦ୍ର ଦ୍ୱାରା ଆୟୋଜିତ ଏହି କର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫୦ଜଣ ଛାତ୍ରୀଛାତ୍ର ଯୋଗଦେଇ ୭ଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୫୦ ଓ ୧୦୦ ମିଟର ଦୌଡ, ବଲ ଥ୍ରୋ, ବଲ ଚାମଚ ଦୌଡ, ଝୋଟି, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନଙ୍କ ପୌରୋହିତ୍ୟରେ ସରପଞ୍ଚ ବବିତା ସାହୁ ମୁଖ୍ୟ ଅତିଥି, ବିଆରସିସି ପ୍ରବାସିନୀ ସିଂ, ଏବିଇଓ ପଦ୍ମଚରଣ ବେହେରା, ସିଦ୍ଧେଶ୍ୱର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଭୁପ୍ରସାଦ ରଥ, ଆନନ୍ଦ କୁମାର ସାହୁ, ଅଶୋକ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାତ୍ୟା ମୁକାବିଲା ଲାଗି ପହଞ୍ଚିଲା ଏନ୍‌ଡିଆର୍‌ଏଫ୍

**ଖୋର୍ଦ୍ଧା ଅଫିସ,୩।୧୨**



ଖୋର୍ଦ୍ଧାରେ ପହଞ୍ଚିଥିବା ଏନ୍‌ଡିଆର୍‌ଏଫ୍ ଟିମ୍।

■ ଅଗ୍ନିଶମ ସେବା ସଂସ୍ଥାର ୧୪ ଟିମ୍ ପ୍ରସ୍ତୁତ

■ ସ୍ଥାନାନ୍ତର ହେବେ ତଟବର୍ତ୍ତୀ ଗ୍ରାମବାସୀ

ସମ୍ଭାବ୍ୟ ବାତ୍ୟା 'ଜୱାଦ' ପ୍ରଭାବରେ ଶୁକ୍ରବାର ଖୋର୍ଦ୍ଧା ଜିଲାର ଅନେକ ସ୍ଥାନରେ ଝିପି ଝିପି ବର୍ଷା ଆରମ୍ଭ ହୋଇଛି। ଅନ୍ୟପଟେ ବାତ୍ୟା ମୁକାବିଲା ଲାଗି ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି। କଟକ ଜିଲା ମୁଣ୍ଡଳୀରୁ ୪୨ଜଣିଆ ଏନ୍‌ଡିଆର୍‌ଏଫ୍ ଟିମ୍ ଖୋର୍ଦ୍ଧାରେ ପୂର୍ବାହ୍ନରେ ପହଞ୍ଚିଛନ୍ତି। ଇନସ୍ପେକ୍ଟର ଏସ୍.କେ. ପ୍ରାସଦଙ୍କ ନେତୃତ୍ୱରେ ଆସିଥିବା ଟିମ୍ ମଧ୍ୟରୁ ଗୋଟିଏ ଟିମ୍ ଟାଙ୍ଗୀ ଏବଂ ଅନ୍ୟ ଏକ ଟିମ୍ ଚିଲିକା ବ୍ଲକକୁ ଯାତ୍ରା କରିଛନ୍ତି। ଅତ୍ୟାଧୁନିକ ଯନ୍ତ୍ରପାତି, ଉପକରଣ ରହିଛି। ସମସ୍ତ ଯବାନ ଉଚ୍ଚ ପ୍ରଶିକ୍ଷିତ ସମ୍ପନ୍ନ। ବାତ୍ୟା ମୁକାବିଲା ଲାଗି ଏନ୍‌ଡିଆର୍‌ଏଫ୍ ପ୍ରସ୍ତୁତ ରହିଛି ବୋଲି ପ୍ରସାଦ କହିଛନ୍ତି। ଅନ୍ୟପଟେ ବାତ୍ୟା ମୁକାବିଲା ପାଇଁ ଖୋର୍ଦ୍ଧା ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ୧୪ଟି ଟିମ୍ ପ୍ରସ୍ତୁତ ରହିଛି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଟିମ୍ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ଜିଲାର ଟାଙ୍ଗୀ, ଚିଲିକା ଏବଂ ବାଣପୁର ବ୍ଲକରେ ବିଶେଷ ପ୍ରଭାବ ପଡିବ। ଶନିବାର ସନ୍ଧ୍ୟା ସୁଦ୍ଧା ତଟବର୍ତ୍ତୀ ଅଞ୍ଚଳର ଗ୍ରାମବାସୀଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ। ବାତ୍ୟାକୁ ଦୃଷ୍ଟିରେ ରଖି ସମସ୍ତ ବାତ୍ୟାଶ୍ରୟସ୍ଥଳିରେ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ମହାପାତ୍ର କହିଛନ୍ତି। ବାତ୍ୟା ମୁକାବିଲା ଲାଗି ସମସ୍ତ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାରଙ୍କୁ ନେଇ ସମୀକ୍ଷା କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ବାତ୍ୟା ଯୋଗୁ ପ୍ରବାହିତ ହେବାକୁ ଥିବା ଚାଷୀଙ୍କ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। କୃଷି ବିଭାଗ ଏଥିପ୍ରତି ସତର୍କ ଦୃଷ୍ଟି ଦେଇଛି। ବିଶେଷତଃ ଗର୍ଭବତୀଙ୍କୁ ନିକଟ ମେଡିକାଲକୁ ସ୍ଥାନାନ୍ତର କରାଯିବ।

#### କାର୍ଯ୍ୟାଳୟରେ ରହୁନାହାନ୍ତି ଅଧିକାରୀ

ବାତ୍ୟା ମୁକାବିଲା ଲାଗି ରାଜ୍ୟ ସରକାର ପ୍ରଭାଭିତ ହେବାକୁ ଥିବା ଜିଲାରେ ଆସନ୍ତା ରବିବାର ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି। କେହି ବି ହେଡକ୍ୱାର୍ଟର ଛାଡି ପାରିବେ ନାହିଁ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅପରାହ୍ନ ୪ଟା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ କେତେଜଣ ଅଧିକାରୀଙ୍କୁ ବାଦ୍ ଦେଲେ ବହୁ ଅଫିସରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ବାତ୍ୟା ଲାଗି ଜିଲା ମୁଖ୍ୟଚିକିତ୍ସାଳୟ ସମେତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ଡାକ୍ତର ଉପସ୍ଥିତ ରହିବେ। କେହି ନିଜ ସ୍ଥାନ ଛାଡିପାରିବେ ନାହିଁ ବୋଲି ସିଡିଏମଓ ବିଶ୍ୱରଞ୍ଜନ ପତି ଗୁରୁବାର କହିଥିଲେ। ତେବେ ଶୁକ୍ରବାର ସିଡିଏମଓ ପତି ଏବଂ ମେଡିକାଲ ଅଧୀକ୍ଷକ ହେଡକ୍ୱାର୍ଟରରେ ଅନୁପସ୍ଥିତ ସହ ସେମାନଙ୍କ ସିୟୁଜି ନମ୍ବର ନଟ୍ ରିଚେବଲ କହୁଥିବା ଦେଖିବାକୁ ମିଳିଛି।

### ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ହାଇଆଲର୍ଟ

**ବାଲୁଗାଁ,୩।୧୨(ଡି.ଏନ୍.ଏ.)**

ସମ୍ଭାବ୍ୟ ବାତ୍ୟା 'ଜୱାଦ'ର ମୁକାବିଲା ଲାଗି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ଚିଲିକାରେ ମାଛ ମାରୁଥିବା ସମସ୍ତ ମତ୍ସ୍ୟଜୀବୀ ଶୁକ୍ରବାର ଅପରାହ୍ନ ସୁଦ୍ଧା ଫେରିଆସିଛନ୍ତି। ପ୍ରଶାସନ ଏବଂ ମତ୍ସ୍ୟ ସମ୍ପଦ ବିଭାଗୀୟ କର୍ତ୍ତୃପକ୍ଷ ବାଲୁଗାଁରୁ ଭୃଷଣ୍ଡପୁର ମଧ୍ୟରେ ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ସୁରକ୍ଷିତ ସ୍ଥାନ ନିର୍ଦ୍ଧାରଣ କରାଯାଇ ଡଙ୍ଗାଗୁଡ଼ିକୁ ସେଠାରେ ରଖାଯିବା ପାଇଁ ପଦକ୍ଷେପ ନିଆଯାଇଛି। ଅନ୍ୟପଟେ ଚିଲିକା ତଟରେ ଗଢ଼ି ଉଠିଥିବା ବସ୍ତିରେ ଲୋକଙ୍କୁ ସଚେତନ କରାଯିବା ସହ ନିକଟ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି । ତେବେ ସନ୍ଧ୍ୟା ସୁଦ୍ଧା ପ୍ରଶାସନର ସ୍ଥାନାନ୍ତର ଉଦ୍ୟମ ବିଫଳ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ବାଲୁଗାଁ ଏନଏସି ଅନ୍ତର୍ଗତ ଶାନ୍ତିନଗର, ଗୋପବନ୍ଧୁ କଲୋନୀ ଓ ସନ୍ନ୍ୟାସୀ ନଗର ଆଦି ତଟାଞ୍ଚଳ ଅଧିବାସୀଙ୍କୁ ଶନିବାର ପୂର୍ବାହ୍ନ ୧୦ଟା ସୁଦ୍ଧା ସ୍ଥାନାନ୍ତର ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାଲୁଗାଁ ଏନ୍‌ଏସିର ୧୦ଜଣ ଗର୍ଭବତୀଙ୍କୁ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯିବ। ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କ କୋଭିଡ୍ ଟେଷ୍ଟ କରାଯିବ। ପଜିଟିଭ ରିପୋର୍ଟ ଆସିଲେ ସଙ୍ଗରୋଧ କେନ୍ଦ୍ରରେ ରଖାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଦୃଷ୍ଟିହୀନ ବିଦ୍ୟାଳୟ ଶିକ୍ଷକ ସଂଘର ବିକ୍ଷୋଭ




୩ ଦଫା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଖୋର୍ଦ୍ଧା ଅଫିସ,୩।୧୨**

ଓଡ଼ିଶା ଦୃଷ୍ଟିହୀନ ବିଦ୍ୟାଳୟ ଶିକ୍ଷକ ସଂଘ ଏବଂ ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ୩ଦଫା ଦାବିରେ ଶୁକ୍ରବାର ଖୋର୍ଦ୍ଧା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଓଡ଼ିଶାର ବିଭିନ୍ନ ଜିଲାରେ ଥିବା ୧୦୪ଟି ସ୍ୱତନ୍ତ୍ର ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ, ଅଣଶିକ୍ଷକମାନେ ଦୀର୍ଘ ୩୫ବର୍ଷ ଧରି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଶିକ୍ଷା, ତାଲିମ ଏବଂ ଥଇଥାନ ନିମନ୍ତେ କାର୍ଯ୍ୟ କରୁଛନ୍ତି। ଚାକିରୀରେ ସର୍ବନିମ୍ନ ମୌଳିକ ସୁବିଧା ପ୍ରଦାନ କରାଯାଉନାହିଁ। ଏହି ବିଦ୍ୟାଳୟର କର୍ମଚାରୀ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ପରିଚାଳିତ ହୋଇ ପୂର୍ଣ୍ଣ ଅନୁଦାନ ପାଉଛନ୍ତି। ତେବେ ରାଜ୍ୟ ଗଣଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ଅନୁଦାନପ୍ରାପ୍ତ ବିଦ୍ୟାଳୟ କର୍ମଚାରୀ ସର୍ବନିମ୍ନ ସୁବିଧା ଯଥା ସେବା ସର୍ତ୍ତାବାଳୀ, ଛୁଟି ନିୟମ, କ୍ୟାଡର ରୁଲ ଏବଂ ନିୟମିତ ଅବସରକାଳୀନ ଭତ୍ତା ଆଦିରୁ ବଞ୍ଚିତ ହୋଇ ଶୋଷଣର ଶିକାର ହେଉଛନ୍ତି। ୨୦୧୬ରେ ତତ୍କାଳୀନ ବିଭାଗୀୟ ମନ୍ତ୍ରୀ, ଅର୍ଥ ମନ୍ତ୍ରୀ ସଂଘ ସହ ଆଲୋଚନା କରିଥିଲେ। ସମସ୍ତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏଥିପ୍ରତି କୌଣସି ପଦକ୍ଷେପ ନିଆଗଲା ନାହିଁ। ଅନ୍ୟପଟେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଅବହେଳା କରାଯାଉଛି। ଖୋର୍ଦ୍ଧା ଜିଲା ଆବାହକ ଶରତ ଚନ୍ଦ୍ର ମଲ୍ଲିକ, ଦାମୋଦର ଦାସ, ବିଭୂତି ଭୂଷଣ ନନ୍ଦ, ମନୋତୋଷ ବେହେରା, ସ୍ମୃତିରେଖା ମିଶ୍ର, ସଞ୍ଜୁକ୍ତା ସାମନ୍ତରାୟ, ଶରତ ସାମନ୍ତରାୟଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ବାତ୍ୟାକୁ ନେଇ ଚିନ୍ତାରେ ଚାଷୀ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୩।୧୨(ଡି.ଏନ୍.ଏ.)**

ପ୍ରାକୃତିକ ବିପର୍ଯ୍ୟୟ ଚାଷୀକୁଳଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଲାଣି। ପ୍ରତିବର୍ଷ ଅମଳ ସମୟରେ ଲଘୁଚାପଜନିତ ବର୍ଷା, ବାତ୍ୟା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ସମ୍ଭାବ୍ୟ ବାତ୍ୟା ପ୍ରବାହକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ୮୦ପ୍ରତିଶତ ପାଚିଥିବା ଧାନକୁ କାଟି ସୁରକ୍ଷିତ ସ୍ଥାନରେ ରଖିବା ଲାଗି ପରାମର୍ଶ ଦିଆଯାଇଥିଲା। ତେବେ ନିକଟରେ ଅଦିନିଆ ବର୍ଷା ଯୋଗୁ ଜିଲାର ଅଧିକାଂଶ ବ୍ଲକରେ ଚାଷୀ ପ୍ରଭାବିତ ହୋଇଛନ୍ତି। ବିଲରେ ପାଣି ଜମି ଧାନ ଗଜା ହୋଇଗଲାଣି। ଆଉ କେଉଁଠି ଧାନ ପଚି ନଷ୍ଟ ହୋଇଯାଇଛି। ଏବେ ବି ଅଧିକାଂଶ ଜମିରେ ପାଣି ଜମି ରହିଥିବା ବେଳେ ଧାନ କଞ୍ଚା ରହିଛି। ବାତ୍ୟା ଆଶଙ୍କାରେ କଞ୍ଚା ଧାନ କାଟିବାକୁ ଚାଷୀ ବାଧ ହୋଇଛନ୍ତି। ଟାଙ୍ଗୀ ବ୍ଲକ କମାଗୁରୁ, ଟାଙ୍କୋଳ, ନିରାକାରପୁର, ରାମେଶ୍ୱର, ଲେଣ୍ଡୁ, ସରପାରୀ ସମେତ ବହୁ ପଞ୍ଚାୟତରେ ଏଯାବତ୍ ଧାନ କଟାଯାଇ ନ ଥିବା ଜଣାପଡ଼ିଛି। କୃଷି ବିଭାଗ ଗାଇଡଲାଇନ ଜାରି କରି ନୀରବଦ୍ରଷ୍ଟା ସାଜିଛି। ଏପର୍ଯ୍ୟନ୍ତ କୌଣସି କୃଷି ଅଧିକାରୀ ଚାଷୀଙ୍କ ସମସ୍ୟା ବୁଝିବାକୁ ଆସି ନ ଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି।

### ଆଇନ ସଚେତନତା ଶିବିର

**ଖୋର୍ଦ୍ଧା ଅଫିସ,୩।୧୨**

ଖୋର୍ଦ୍ଧା ତାଲୁକା ଆଇନ ସେବା କମିଟି ଓ ବିଶ୍ୱ ଜୀବନ ସେବାସଂଘ ଆନୁକୂଲ୍ୟରେ ଗୋଡ଼ିପୋଖରୀସ୍ଥିତ ଜୀବନ ଆଶା ନିଶା ନିବାରଣ କେନ୍ଦ୍ର ପରିସରରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ଏବଂ ଆଇନ ସଚେତନତା ଶିବିର ଶୁକ୍ରବାର ପାଳିତ ହୋଇଯାଇଛି। ତାଲୁକା ଆଇନ ସେବା କମିଟି ସମ୍ପାଦକ ବସନ୍ତ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିମଳ ମାନସିଂ, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତିରାୟ, ନିରଞ୍ଜନ ବାଘସିଂ, ସୁମନ୍ତ ମିଶ୍ର, କେନ୍ଦ୍ରର ଜ୍ୟୋତିରଞ୍ଜନ ହୋତା, ଧୀରେନ ଭୂଜବଳ, କୈଳାଶ ଚନ୍ଦ୍ରଲେଙ୍କା, ପ୍ରମୋଦ ବରାଳ ବୈଦ୍ୟନାଥ ବରାଳ, କୋଦଣ୍ଡ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ଆଇନ ଦିଗ ଉପରେ ଆଲୋଚନା କରାଯାଇଥିବା ବେଳେ ଅନ୍ତେବାସୀ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ



ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ ଅବସରରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୩।୧୨**

ସମଗ୍ର ଶିକ୍ଷା ଖୋର୍ଦ୍ଧା ବ୍ଲକ ଆନୁକୂଲ୍ୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ଲକ ଆରଇଓ କଲୋନୀ ପରିସରରେ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସତ୍ୟବାନ ଶ୍ରୀଚନ୍ଦନ ଅତିଥିଭାବେ ଯୋଗ ଦେଇଥିଲେ। ପିଲାଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ଏହିଅବସରରେ ଦିବ୍ୟାଙ୍ଗ ପିଲାଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ହୁଇଲ ଚେୟାର ଓ ବେଲ୍ କିଟ ବଣ୍ଟନ କରାଯାଇଥିଲା। ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ, ଭରତ ଚନ୍ଦ୍ର ପ୍ରଧାନ, ନିହାରନଳିନୀ ଦେବୀ, ରବି ନାରାୟଣ ପଣ୍ଡା, ଅମୀୟ ପରିଡା, ଯୁଧିଷ୍ଠିର ସାହୁ, ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରମୋଦିନୀ ଦେଇ, ସସ୍ମିତା ପଟ୍ଟନାୟକ. ପ୍ରସନ୍ନ ମହାପାତ୍ର, ପାର୍ବତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସସ୍ମିତା ବଳିୟାରସିଂ, ତୃପ୍ତିଲତା ଦାସ, ଗୋଲକ ପାଇକରାୟ ପରିଚାଳନା କରିଥିଲେ।

## ଯୋଜନା ନୁହେଁ, ସମାନ ଅଧିକାର ମିଳୁ

**ବେଗୁନିଆ, ୩।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ସଭାଗୃହ ପରିସରରେ ଶୁକ୍ରବାର ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। 'ଆଇନା'ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ୯୦ ଜଣ ଦିବ୍ୟାଙ୍ଗ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଜାନକୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଡିପିଓ, ସରପଞ୍ଚ କୁମୁଦିନୀ ସ୍ୱାଇଁ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ବେହେରା, ସାମାଜିକ କର୍ମୀ ରଘୁନାଥ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଦିବ୍ୟାଙ୍ଗ ହେଲେ ମଧ୍ୟ ସେମାନଙ୍କ ପାଖରେ ବହୁ ପ୍ରତିଭା ରହିଛି। ଅନେକ କୌଶଳ ପ୍ରୟୋଗ କରି ସେମାନେ ନିଜର ପରିଚୟ ସୃଷ୍ଟି କରିପାରୁଛନ୍ତି। ସେମାନଙ୍କର ଦକ୍ଷତା ବିକାଶ ଲାଗି ସାଂସ୍କୃତିକ ମାଧ୍ୟମରେ ଉତ୍ସାହିତ ନିହାତି ଲୋଡା ବୋଲି ବ୍ଲକ ଅଧ୍ୟକ୍ଷା ସ୍ୱାଇଁ କହିଥିଲେ। ଯୋଜନା ନୁହେଁ, ଆମକୁ ସମାନ ଅଧିକାର ମିଳୁ ବୋଲି ଦିବ୍ୟାଙ୍ଗମାନେ ଦାବି କରିଥିଲେ। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଦିବ୍ୟାଙ୍ଗଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରକଳ୍ପ ସଞ୍ଚାଳକ ରୁମ୍ପା ମଜୁମଦାର, ବ୍ଲକ ସଂଯୋଜକ ବିଜୟୀଟେଲ, ମିଲେନିୟମ ଆଚାର୍ଯ୍ୟ, ଲିପ୍ସା ସାମନ୍ତରାୟ, ଶଉସ୍ମିତା ବିଶ୍ୱାଳ, କପିଳ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଟକଣା ସତ୍ତ୍ୱେ ମାନୁନାହାନ୍ତି ଅମାନିଆ

**ଖୋର୍ଦ୍ଧା ଅଫିସ,୩।୧୨**

ଚିନ୍ତା ବଢ଼ାଉଛି କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ। ଭାରତରେ ଚିହ୍ନଟ ହେବା ପରେ ସମସ୍ତ ରାଜ୍ୟରେ ଛନକା ପସିଛି। ଏନେଇ ରାଜ୍ୟ ସରକାର ସମସ୍ତ ଜିଲାପାଳ, ପୌର କାର୍ଯ୍ୟନିର୍ବାହୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଣି ଥରେ ଟେଷ୍ଟିଂ, ଟ୍ରାକିଂ ଓ ଟିକାକରଣ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡ଼ି ପାଳନ ଲାଗି ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଛି। ବିନା ମାସ୍କଧାରୀଙ୍କୁ ସଉଦା, ପରିବା ନ ଦେବା ଲାଗି ଉପଜିଲାପାଳ ଆଇ.ଗୌରବ ଶିବାଜୀ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସହରରେ ଏହାର କୌଣସି ପ୍ରଭାବ ପଡୁନାହିଁ। ଦୋକାନ, ବଜାର, ଶପିଂ ମଲ୍ ଆଦି ବ୍ୟବସାୟିକ ପ୍ରତିଷ୍ଠାନରେ ପ୍ରବଳ ଭିଡ଼ ଜମୁଥିବା ବେଳେ କୋଭିଡ୍ ଗାଇଡଲାଇନକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଛି। କାହାରି ମୁହଁରେ ମାସ୍କ ନାହିଁ ତ, କିଏ ତଳକୁ ଝୁଲାଇ ରଖିଛି। ଆଉ କିଏ ପକେଟରେ ଧରି ବୁଲୁଛନ୍ତି। ସାମାଜିକ ଦୂରତ୍ୱକୁ ଭୁଲି ଯାଇଛନ୍ତି। ଟ୍ରାଫିକ ଛକ, ସମବାୟ ଛକ, ହାବେଳି ପଡିଆସ୍ଥିତ ଅସ୍ଥାୟୀ ପରିବା ବଜାର, ମାଛ ମାର୍କେଟ ସମେତ ଟିଏଲସି ସ୍ଥିତ ଅସ୍ଥାୟୀ ମାଛ ମାର୍କେଟରେ ଭିଡ ଜମୁଥିବା ବେଳେ କୋଭିଡ୍ ନିୟମ ପାଳନ କରାଯାଉନାହିଁ। ସରକାରୀ ଅଫିସରେ ଅଧିକାରୀ, କର୍ମଚାରୀମାନେ ମାସ୍କ ପିନ୍ଧୁ ନ ଥିବା ଦେଖିବାକୁ ମିଳିଛି। ଏପରିକି ଘରୋଇ ବସ, ଅଟୋରେ ମଧ୍ୟ ଯାତ୍ରୀମାନେ ବିନା ମାସ୍କରେ ଯାତ୍ରା କରୁଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନକାରୀଙ୍କ ମଧ୍ୟରେ ସାମାଜିକ ଦରତ୍ୱ ରହୁନାହିଁ। ଏପରିକି ମୁହଁରେ ମାସ୍କ ନ ଥିବା ଦେଖିବାକୁ ମିଳିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଅପେକ୍ଷାରେ କପିଳେଶ୍ୱର ପୀଠ

**ନିରାକାରପୁର,୩।୧୨(ଡି.ଏନ୍.ଏ.)**




ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏପରିକି ରାଜ୍ୟକୁ ଯେପରି ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିପାରିବେ ସେଥିପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଖୋର୍ଦ୍ଧା ଜିଲା ନିରାକାରପୁର ଡିଆ ପଞ୍ଚାୟତସ୍ଥିତ କପିଳେଶ୍ୱର ଦେବଙ୍କ ପୀଠ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏଠାରେ ସମସ୍ତ ସୁବିଧା ଓ ବ୍ୟବସ୍ଥା ଥିଲେ ମଧ୍ୟ ଏପର୍ଯ୍ୟନ୍ତ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଅପେକ୍ଷାରେ ରହିଛି। ଏହାର ବିକାଶ, ରକ୍ଷଣାବେକ୍ଷଣ ପାଇଁ ଜିଲା ପ୍ରଶାସନ ଓ ରାଜନୈତିକ ବ୍ୟକ୍ତିମାନେ ଦୃଷ୍ଟି ଦେବା ବଦଳରେ ନୀରବଦ୍ରଷ୍ଟା ସାଜିଛନ୍ତି। ଐତିହାସିକମାନଙ୍କ କହିବାନୁଯାୟୀ, କପିଳେଶ୍ୱର ଦେବଙ୍କ ମନ୍ଦିରର ଗଢଣି, ଶୈଳୀ ଏବଂ କାରୁକାର୍ଯ୍ୟ ଭୌମ୍ୟ ବଂଶ ଶାସନକାଳରେ ନିର୍ମିତ। ପ୍ରାୟ ୪୫୦ ବର୍ଷରୁ ଅଧିକ ତଳର ଏହି ପ୍ରାଚୀନ ମନ୍ଦିରରେ ବିଭିନ୍ନ ଆକୃତିର ମୂର୍ତ୍ତି ପୂଜା ପାଉଛି। ପଞ୍ଚରେଖା ପ୍ରଣାଳୀରେ ନିର୍ମିତ ମୁଖ୍ୟ ମନ୍ଦିରଟି ପୂର୍ବମୁଖା ହୋଇଥିବା ବେଳେ ମୁଖ୍ୟ ଦ୍ୱାରରେ ଯୋଗମୁଦ୍ରାରେ ନବଗ୍ରହ ମୂର୍ତ୍ତି ସ୍ଥାପିତ। ସେହିପରି ଲଳିତା ଆସନରେ ଓ ବରଦା ମୁଦ୍ରାରେ ବିରାଜିତ ମା' ଗଜଲକ୍ଷ୍ମୀଙ୍କ ବିଗ୍ରହ ସେହିପରି ପ୍ରସ୍ତର ଖମ୍ଭ ଉପରେ ଅବସ୍ଥାପିତ ଦ୍ୱାରା ସନ୍ନିକଟ ବୃଷଭ ମୂର୍ତ୍ତି ଭଳି ଅନୁରୂପ ପ୍ରତିକୃତି ଅନ୍ୟ କେଉଁଠାରେ ମିଳେ ନାହିଁ ବୋଲି ଐତିହାସିକ ତଥା ଗବେଷକ ଡ. ସଞ୍ଜୟ କୁମାର ମହାପାତ୍ର କୁହନ୍ତି। ହେଲେ ଧୀରେ ଧୀରେ ମନ୍ଦିର ଅବହେଳିତ ଅବସ୍ଥାରେ ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ମନ୍ଦିରରେ ମଣ୍ଡପଠାରୁ ଆରମ୍ଭ କରି ପୋଖରୀ ପର୍ଯ୍ୟନ୍ତ ସବୁ ପ୍ରକାରର ବ୍ୟବସ୍ଥା ଥିଲେ ମଧ୍ୟ ମନ୍ଦିରକୁ ପର୍ଯ୍ୟଟନ ମାନ୍ୟତା ମିଳିପାରି ନାହିଁ। ଦେବୋତ୍ତର ବିଭାଗ ପକ୍ଷରୁ ଏହି ମନ୍ଦିରର ସବିଶେଷ ଅନୁଧ୍ୟାନ କରାଯାଇ ପର୍ଯ୍ୟଟନ ମାନ୍ୟତା ଦିଆଯାଉ ବୋଲି ସ୍ଥାନୀୟ ଅଞ୍ଚଳବାସୀ, ବୁଦ୍ଧିଜୀବୀ ଦାବି କରିଛନ୍ତି। ଏପରିକି ଏଠାରେ ବିଜୟା ରଥଯାତ୍ରା ନିଆରା ଢଙ୍ଗରେ ରାତିରେ ଟଣାଯାଏ ଓ ବାହୁଡ଼ାରେ ହେଉଥିବା ବାଣଯାତ୍ରା କଳିଙ୍ଗ କଳାର ଇତିହାସକୁ ମନେପକାଏ। ତେଣୁ ସରକାର ଓ ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ହୋଇପଡ଼ିଛି।

### ଏମାନେ କ'ଣ କୁହନ୍ତି...

"ଏହି ଶୈବପୀଠର ମାହାତ୍ମ୍ୟ ନିଆରା। ଏଠାରେ ଭକ୍ତମାନେ ମାନସିକ କରି ଗୁହାରିଆ ପଡିଥିବାବେଳେ ମନସ୍କାମନା ପୂର୍ଣ୍ଣ ମଧ ହୋଇଥାଏ। ପ୍ରାୟତଃ ସନ୍ତାନ ନ ଥିବା ମହିଳାମାନେ ଅଧିକ ମାନସିକ କରିଥାନ୍ତି। ଏଥିସହ ଏହାର ଐତିହ୍ୟ ଶୁଣି ଆଖପାଖ ଅଞ୍ଚଳର ମହିଳାମାନେ ଆସି ଏଠାରେ ଗୁହାରିଆ ପଡ଼ିଥାନ୍ତି। ତେଣୁ ଏହି ଐତିହାସିକ ପୀଠକୁ ପର୍ଯ୍ୟଟନ ମାନ୍ୟତା ଦିଆଗଲେ ଏହି ପୀଠରେ ଉନ୍ନତି ହେବା ସହିତ ଅଧିକ ପର୍ଯ୍ୟଟକ ଆସିପାରିବେ ।

**- କିଶୋର କୁମାର ଦାଶ, ମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟ**

"ଭକ୍ତ ସାଧକଙ୍କ କଲ୍ୟାଣାର୍ଥେ ଶିବ ଶ୍ମଶାନ ବିଳାସୀ ହୋଇ ଶବକୁ ଆଶିଷ ପ୍ରଦାନ କରିଥାନ୍ତି। ଯାହାର ପ୍ରମାଣ ପାଞ୍ଚଟି ଗ୍ରାମର ମିଳିତ ପଞ୍ଚରତ୍ନ ଶ୍ମଶାନର ଜୁଇ ପୀଠରୁ ମିଳିବ। ଯାହା ଏହି କପିଳେଶ୍ୱର ପୀଠ ପରିସରରେ ଦେଖିବାକୁ ମିଳେ। ଏଥିସହ ପର୍ଯ୍ୟଟକଙ୍କ ପାଇଁ ଭୋଜି ଲାଗି ମଣ୍ଡପ ସହ ବୁଲିବା ପାଇଁ ସୁବ୍ୟବସ୍ଥା ଥିବାବେଳେ ଏସବୁକୁ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଧାନ ଦିଆଯିବ ଜରୁରୀ।

**- ପଣ୍ଡିତ ରମାକାନ୍ତ ପୁରୋହିତ, ଶିକ୍ଷାବିତ୍**

"ଏହି ମନ୍ଦିରର ବିଶେଷ କଥା ହେଲା ଗୋଟିଏ ବେଢାରେ ଗୋଟିଏ ପଟେ ଆମିଷ ଭୋଗ ଓ ଅନ୍ୟପଟେ ନିରାମିଷ ଭୋଗ ହେଉଛି। ପର୍ଯ୍ୟଟକଙ୍କ ପାଇଁ ପାନୀୟ ଜଳ, ପିଣ୍ଡି ବ୍ୟବସ୍ଥା ଆଦି ରହିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯତ୍ନ ନେଲେ ଅଧିକ ଆକର୍ଷଣୀୟ ପୀଠ ହୋଇପାରିବ। ବାହାର ପର୍ଯ୍ୟଟକ ମଧ ଏହାର ଐତିହାସିକ ବିଷୟରେ ଜାଣିପାରିବେ। ଏପରିକି ପୀଠକୁ ଦେବୋତ୍ତର ବିଭାଗ ବୁଝିଥିଲେ ମଧ ପର୍ଯ୍ୟଟନ ମାନ୍ୟତା ମିଳି ନାହିଁ। ତେଣୁ ପର୍ଯ୍ୟଟନ ବିଭାଗ ସ୍ଥିତି ଅନୁଧାନ କରି ପର୍ଯ୍ୟଟନ କ୍ଷେତ୍ରରେ ଏହି ପୀଠର ନାମ ସାମିଲ କରନ୍ତୁ।

**- ନାରାୟଣ ମହାନ୍ତି, ଗ୍ରାମବାସୀ**

## ସଂକ୍ଷେପରେ

### ତହସିଲଦାରଙ୍କଠାରୁ ୧୬ ହଜାର ଠକେଇ

**କଟକ ସଦର, ୩।୧୨(ଡି.ଏନ.ଏ):** କିଶନ ନଗର ତହସିଲଦାର ଇନ୍ଦିରା ସାହୁ ଠକେଇର ଶିକାର ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ସେ ଅନ୍‌ଲାଇନରେ ଜିନିଷ ମଗାଇବାବେଳେ ଠକେଇର ଶିକାର ହୋଇଥିଲେ। ୮ ଥରରେ ୨୦୦୦ ଟଙ୍କା ଲେଖାଏଁ ସାଇବର ଅପରାଧୀ ଠକି ନେଇଛନ୍ତି। ଏ ସମ୍ପର୍କରେ ସାହୁ ଅନ୍‌ଲାଇନରେ ସାମଗ୍ରୀ ଯୋଗାଉଥିବା କମ୍ପାନୀ ନାଁରେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ପରେ ପୋଲିସ ବ୍ୟାଙ୍କ କାରବାରର ସବିଶେଷ ବିବରଣୀ ମାଗିଛନ୍ତି। ଏହାପରେ ମାମଲା ରୁଜୁ କରାଯିବ।

### ଶିଳ୍ପ ସମ୍ପର୍କିତ ଆଲୋଚନାଚକ୍ର

**ଖୁଣ୍ଟୁଣୀ,୩।୧୨(ଡି.ଏନ.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲଠାରେ ଥିବା ଆରତୀ ଷ୍ଟିଲ ଆଣ୍ଡ୍ ପାୱାର କାରଖାନା ପରିସରରେ ଶିଳ୍ପର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କିତ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାରଖାନା ପରିଚାଳକ ସରୋଜ କୁମାର ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ କାରଖାନାର ବରିଷ୍ଠ ପଦାଧିକାରୀ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସଭାପତି ଲାଲା ତରୁଣ ପ୍ରକାଶ ନାରାୟନ ଯୋଗଦେଇ କାରଖାନାର ସାମାଜିକ ଦାୟିତ୍ୱ ଓ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ପ୍ରତିବଦ୍ଧତା ସମ୍ପର୍କରେ କହିଥିଲେ। ଏଥିରେ ବରିଷ୍ଠ ଅଧିକାରୀ ନରେଶ ବଂଶଲ, ଏନ୍. ଶ୍ରୀନିବାସନ, ଲଳିତ ସିଂ ଓ ଶ୍ରୀନିବାସ ନାୟକ ପ୍ରମୁଖ ଯୋଗଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ଶରତ କୁମାର ନିଶାଙ୍କ ଧନ୍ୟବାଦ ଦେଇଥିଲେ।

### ଶହୀଦ ଖୁଦିରାମଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ,୩।୧୨:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଶହୀଦ ଖୁଦିରାମଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ ପରିସରରେ ଖୁଦୀରାମଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓର କଟକ ଜିଲା ସମ୍ପାଦକ ବିନୋଦ ସେଠୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଖୁଦୀରାମଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଥିରେ ଏଆଇଡିଏସ୍‌ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କମିଟି ସଭାପତି ସରୋଜ ମାନସିଂହ ଓ ଛାତ୍ରନେତା ସୁବ୍ରତ ଦାସ ଉପସ୍ଥିତ ଥିଲେ।

### ବିଶ୍ୱ ଭିନ୍ନକ୍ଷମ ଦିବସ

**କଣ୍ଟାପଡା, ୩।୧୨(ଡି.ଏନ୍.ଏ.):** କଟକ ଜିଲା ଓଲଟପୁରସ୍ଥିତ ଏସ୍.ଭି. ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା ଅନୁଷ୍ଠାନରେ ଶୁକ୍ରବାର ବିଶ୍ୱ ଭିନ୍ନକ୍ଷମ ଦିବସ ଭର୍ଚୁଆଲରେ ପାଳିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସହକାରୀ ପ୍ରାଧାପକ ଟାଟା ରାମକୃଷ୍ଣନ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗଙ୍କ ଶିକ୍ଷା ଓ ଦକ୍ଷତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେବାକୁ କହିଥିଲେ। ଏଥିରେ ନିର୍‌ତାର ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ, ବୈଷୟିକ ନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଦିବ୍ୟାଙ୍ଗଙ୍କ ଦ୍ୱାରା ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ଭର୍ଚୁଆଲ୍‌ରେ ପ୍ରଦର୍ଶିତ ହୋଇଥିଲା। ଇଂ. ସତ୍ୟଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଜାତୀୟ ଆଇନଜୀବୀ ଦିବସ

**କଟକ ଅଫିସ,୩।୧୨:** ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର କଟକ ରାଜେନ୍ଦ୍ର ନଗରଠାରେ ଜାତୀୟ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଜାଗ୍ରତ ଓଡ଼ିଶା ଆଇନଜୀବୀ ମଞ୍ଚ ପକ୍ଷରୁ କଟକର ଆଇନଜୀବୀ ଓ ସାମାଜିକ କର୍ମୀମାନେ ରାଜେନ୍ଦ୍ରନଗରଠାରେ ଥିବା ଡ. ପ୍ରସାଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆଇନଜୀବୀ ଦେବୀପ୍ରସାଦ ମହାନ୍ତି, କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ୍ ଯୁଗ୍ମ ସମ୍ପାଦକ ସଞ୍ଜିତ କୁମାର ଦାସ, ପୂର୍ବତନ ସମ୍ପାଦକ ସ୍ମୃତିରଞ୍ଜନ ରାଉତ, ପୂର୍ବତନ ଯୁଗ୍ମ ସମ୍ପାଦକ ଗଗନ ବାରିକ, କାର୍ଯ୍ୟକାରୀ ସଭ୍ୟ ମହେନ୍ଦ୍ର ସୁବୁଦ୍ଧି ଓ ରେଭେନ୍‌ଶା ରତ୍ନ ସମ୍ମାନ କମିଟି ଆବାହକ ପ୍ରକାଶ ପଣ୍ଡା ଯୋଗଦେଇ ଡ. ପ୍ରସାଦଙ୍କ ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ମଞ୍ଚ ପକ୍ଷରୁ ରାଜ୍ୟ ସଂଯୋଜକ ଜଗନ୍ନାଥ ମହାନ୍ତି, ଜିଲା ସଂଯୋଜକ ତାପସ ମହାନ୍ତି, ସଂଗ୍ରାମ କେଶରୀ ଦାସ, ସ୍ଥାନୀୟ ବାସିନ୍ଦା ବୀରକିଶୋର ସ୍ୱାଇଁ, ଦର୍ଶନ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସ୍ଥାନୀୟ ବସ୍ତିରେ ଖାଦ୍ୟ ବଣ୍ଟନ କରାଯାଇଥିଲା।

# ୯,୮୬୯ ଲୋକଙ୍କୁ ସ୍ଥାନାନ୍ତର କରାଯିବ

**କଟକ ଅଫିସ,୩।୧୨**

ବାତ୍ୟା 'ଜୱାଦ'ର ମୁକାବିଲା ପାଇଁ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ବାତ୍ୟା ପ୍ରଭାବରେ ପ୍ରାୟ ୯,୮୬୯ ଜଣ ଲୋକ କ୍ଷତିଗ୍ରସ୍ତ ହେବେ ବୋଲି ସିଏମ୍‌ସି ଆକଳନ କରିଛି। ଶନିବାର ୮୦ଟି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସେମାନଙ୍କୁ ସ୍ଥାନାନ୍ତର କରାଯିବ। ବାତ୍ୟା ମୁକାବିଲ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। କୋଭିଡ୍ ହସ୍ପିଟାଲରେ ବିଦ୍ୟୁତ ଯୋଗାଣ ପାଇଁ ଡିଜିସେଟ୍‌ର ବନ୍ଦୋବସ୍ତ କରାଯାଇଛି। ପ୍ରତି ୱାର୍ଡରୁ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ସମସ୍ତ କମ୍ୟୁନିଟି ଅର୍ଗାନାଇଜର ଏବଂ ୱାର୍ଡ ଅଫିସଙ୍କୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବରେ ବର୍ଷା ହେଲେ ସହରର ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବ। ଏଥିପାଇଁ ସିଏମ୍‌ସି ପକ୍ଷରୁ ସହରରେ ୮୬ଟି ତଳିଆ ଅଞ୍ଚଳ ଚିହ୍ନଟ କରାଯାଇଛି। ସେଠାରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ଥଇଥାନ କରିବାକୁ ପଦକ୍ଷେପ ନିଆଯାଇଛି। ବର୍ଷାଜଳ ନିଷ୍କାସନକୁ ଗୁରୁତ୍ୱ ଦିଆଯାଇ ସମସ୍ତ ଅଞ୍ଚଳକୁ ପାଣିପମ୍ପ ପହଞ୍ଚି ସାରିଥିବା ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ସୂଚନା ଦେଇଛି। ଲୋକମାନଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ଓ ଶୁଖିଲା ଖାଦ୍ୟ ବଣ୍ଟନ ପାଇଁ ସିଏମ୍‌ସି ପକ୍ଷରୁ ୧୩ଟି ଗାଡ଼ି ବ୍ୟବସ୍ଥା କରାଯାଇଛି। ଯଦି ଅଧିକ ଗାଡିର ଆବଶ୍ୟକ ପଡେ ତା'ହେଲେ ବ୍ୟବସ୍ଥା କରାଯିବ ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି।

### ସିଏମ୍‌ସିର ବାତ୍ୟା ପ୍ରସ୍ତୁତି

**୮୬ ତଳିଆ ଅଞ୍ଚଳ ଚିହ୍ନଟ**




### ୱାଟ୍‌କୋ ପକ୍ଷରୁ ଖୋଲିଲା କଣ୍ଟ୍ରୋଲ ରୁମ୍

ବାତ୍ୟା ପ୍ରଭାବରେ ଲୋକମାନେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଏହାକୁ ଦୃଷ୍ଟିରେ ରଖି ୱାଟର କର୍ପୋରେଶନ ଅଫ ଓଡ଼ିଶା ଲିମିଟେଡ୍(ୱାଟ୍‌କୋ) ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ସହରର ୮୮ ହଜାର ପରିବାରକୁ ପିଇବା ପାଣି ଯୋଗାଇବା ପାଇଁ ୫୧ଟି ଡିଜିସେଟ୍ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ଏସ୍‌ସିବି ମେଡିକାଲ, ସିଟି ହସ୍ପିଟାଲ, ବୋର୍ଡ ଅଫ ରେଭିନ୍ୟୁ, ଶିଶୁଭବନ, ହାଇକୋର୍ଟଠାରେ ୨୩ଟି ଡିଜିସେଟ୍ ପ୍ରସ୍ତୁତ ରଖାଯାଇଛି। ଏଥିସହ ବିଭାଗ ପକ୍ଷରୁ ୩ ହଜାର ଲିଟର କ୍ଷମତା ବିଶିଷ୍ଟ ୯ଟି ପାଣି ଟ୍ୟାଙ୍କର, ହଜାର ଲିଟର କ୍ଷମତା ବିଶିଷ୍ଟ ୫୦ଟି ସିନ୍‌ଟେକ୍ସ ଟାଙ୍କିର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ଅଧିକ ପାଣି ଟ୍ୟାଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୦ଟି ଘରୋଇ ପାଣି ଟ୍ୟାଙ୍କର ମହଜୁଦ ରଖାଯାଇଛି। ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହିବା ସହ ବୈଷୟିକ କର୍ମଚାରୀଙ୍କୁ ବିଶେଷ ଭାବେ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ଲୋକମାନେ ପିଇବା ପାଣି ସମସ୍ୟାର ସମ୍ମୁଖୀନ ନ ହେବା ପାଇଁ ୱାଟ୍‌କୋ କଟକ ଡିଭିଜନ ପକ୍ଷରୁ ଦୁଇଟି କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ବାରବାଟୀ ଷ୍ଟାଡିୟମଠାରେ ଥିବା ୱାଟ୍‌କୋ କାର୍ଯ୍ୟାଳୟରେ ଗୋଟିଏ କଣ୍ଟ୍ରୋଲ ରୁମ୍(ଫୋନ୍ ନଂ. ୦୬୭୧-୨୩୦୧୩୭୯) ଓ ମହାନଦୀ ବିହାରସ୍ଥିତ ୱାଟ୍‌କୋ କାର୍ଯ୍ୟାଳୟଠାରେ (୦୬୭୧-୨୪୪୦୫୦୧) ଅନ୍ୟଟି ଖୋଲାଯାଇଛି ବୋଲି ସାଧାରଣ ପରିଚାଳକ ଦେବବ୍ରତ ମହାନ୍ତି ସୂଚନା ଦେଇଛନ୍ତି।

### ଟୋଲ୍ ଫ୍ରି ନମ୍ବର ଜାରି

ବାତ୍ୟା ପ୍ରଭାବରେ କୌଣସି ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହେଲେ ସିଏମ୍‌ସିକୁ ଯୋଗାଯୋଗ କରିପାରିବେ। ଏଥିପାଇଁ ଶୁକ୍ରବାରଠାରୁ ବିକାଶ ଭବନରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହାର ପରିଚାଳନା ପାଇଁ ୧୧ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନେ ୩ଟି ଶିଫ୍ଟରେ କାର୍ଯ୍ୟ କରିବେ। ୦୬୭୧-୨୩୧୦୪୭୨, ୧୮୦୦୩୪୫୬୭୨୮ ଏବଂ ୦୬୭୧-୨୩୧୧୨୪୪ ଟୋଲ ଫ୍ରି ନମ୍ବର ମଧ୍ୟ ଜାରି ହୋଇଛି। ଲୋକମାନେ ଏହି ନମ୍ବରରେ ଯୋଗାଯୋଗ କଲେ ସିଏମସି ପକ୍ଷରୁ ସେମାନଙ୍କୁ ସହଯୋଗ କରାଯିବ।

## ବାତ୍ୟା ପାଇଁ ବଢ଼ିଲା ପରିବା ଦର

**ବାରଙ୍ଗ,୩।୧୨(ଡି.ଏନ୍.ଏ.)**

ବାତ୍ୟା ଜୱାଦକୁ ନେଇ ସରକାର ଜନସାଧାରଣଙ୍କୁ ଭୟଭୀତ ନ ହୋଇ ସଚେତନ ରହିବାକୁ ପରାମର୍ଶ ଦେଇଚାଲିଛନ୍ତି। କିନ୍ତୁ ବାତ୍ୟା ପାଇଁ ବାରଙ୍ଗର ଡେଲି ପରିବା ମାର୍କେଟରେ ବ୍ୟବସାୟୀଙ୍କର ମନଇଚ୍ଛା ମୂଲ୍ୟ ବୃଦ୍ଧି ଗ୍ରାହକଙ୍କ ପାଇଁ ଅସନ୍ତୋଷର କାରଣ ପାଲଟିଛି। ଶୁକ୍ରବାର ସନ୍ଧ୍ୟାରେ ଝିପିଝିପି ବର୍ଷାରେ ବାରଙ୍ଗ ପରିବା ମାର୍କେଟରେ ଯଦିଓ ଗ୍ରାହକମାନଙ୍କର ଏତେ ପରିମାଣର ଭିଡ ନ ଥିଲା ତଥାପି ପନିପରିବା ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ସବୁଠାରୁ କମ୍ ମୂଲ୍ୟ କହିଲେ ଆଳୁ କେଜି ୩୦ରୁ ୩୫ଟଙ୍କା ଥିଲା। ବାଇଗଣ ୬୦, କଖାରୁ ୪୦, ପିଆଜ ୪୫ ଟଙ୍କା ରହିଥିଲା। ତେବେ ବାତ୍ୟା ପାଇଁ ଅଧିକ ମୂଲ୍ୟରେ କିଣିଥିବାରୁ ଅଧିକ ଦାମ୍ ରେ ପରିବା ବିକିବାକୁ ପଡୁଛି ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି। ବ୍ୟବସାୟୀଙ୍କର ପରିବା ମୂଲ୍ୟ ମନଇଚ୍ଛା ବୃଦ୍ଧିକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।




ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଶୁକ୍ରବାର କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଭିନ୍ନକ୍ଷମ ଛାତ୍ରସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ରେଭେନ୍‌ଶାକୁ ଇ-ରିକ୍ସା ଯୋଗାଇବେ ବିଧାୟକ

**କଟକ ଅଫିସ, ୩।୧୨**

ବିଶ୍ୱ ଦିବ୍ୟାଙ୍ଗ ଦିବସ ଅବସରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ର ସଂଘ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ବିଶ୍ୱବିଦ୍ୟାଳୟରୁ ବାହାରି ରାଣୀହାଟ ଏବଂ ମେଡିକାଲ ଦେଇ ବିଶ୍ୱବିଦ୍ୟାଳୟକୁ ଫେରିଥିଲା। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ରେଭେନ୍‌ଶା କ୍ୟାମ୍ପସରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଇ-ରିକ୍ସା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କଟକ ଡିସିପି ପ୍ରତୀକ୍ ସିଂ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ଛାତ୍ର ନେତା ଦିଲୀପ ଧୀରସାମନ୍ତଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ନାୟକ, କୁଳ ସଚିବ ଡ. ଭକ୍ତ ଚରଣ ପ୍ରଧାନ, ଅସୀମା ସାହୁ, ଏଡିଏମ୍ ବିଜୟ କୁମାର ଖଣ୍ଡାୟତରାୟ, ଛାତ୍ରନେତା ମୁନା ମହାପାତ୍ର, ସୁଜିତ ପ୍ରସାଦ, ତାପସ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

## ଶୈଳବାଳାରେ ଭାରତ ସ୍କାଉଟ୍ସ ଗାଇଡ୍ସ ବୈଠକ

**କଟକ ଅଫିସ, ୩।୧୨**

ଶୈଳବାଳା ମହିଳା ମହାବିଦ୍ୟାଳୟ ପରିସରରେ ଡିଗ୍ରୀ କଲେଜଗୁଡିକର ଅଧକ୍ଷଙ୍କ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଓ ସମ୍ମାନିତ ଅତିଥିଭାବେ ଭାରତ ସ୍କାଉଟ୍ସ ଗାଇଡ୍ସର ଉପସଭାପତି ନିରଞ୍ଜନ ରଥ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷା ସୁରେଖା ସୁନ୍ଦରୀ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ସ୍କାଉଟ୍ସ ଗାଇଡ୍ସର ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର, ମନୋରଞ୍ଜନ ମହାନ୍ତି, ପୁଷ୍ପାଞ୍ଜଳି ମହାପାତ୍ର, ଭବାନୀ ପ୍ରସାଦ ମିଶ୍ର, ମୁକ୍ତିକୃଷ୍ଣ ଚୌଧୁରୀ, ଅଭିମନ୍ୟୁ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜବତ ହାତୀଦାନ୍ତ ସମ୍ପର୍କିତ ତଥ୍ୟ ଲୋକଲୋଚନକୁ ଆଣ

**ଖୁଣ୍ଟୁଣୀ,୩।୧୨(ଡି.ଏନ.ଏ.)**

ଆଠଗଡ଼ ବନଖଣ୍ଡ ଅଧୀନ ସୁବାସୀ ସଂରକ୍ଷିତ ଜଙ୍ଗଲରେ ମୃତ୍ୟୁ ଘଟିଥିବା ଦନ୍ତା ହାତୀର ଦାନ୍ତକୁ ଲୋକଲୋଚନକୁ ଆଣିବା ପାଇଁ ଆଠଗଡ଼ ସବ୍‌ଡିଭିଜନ ସାମ୍ବାଦିକ ସଂଘ ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ଶୁକ୍ରବାର ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏସିଏଫ ହରେକୃଷ୍ଣ ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି।

୨୦୨୦ ଅଗଷ୍ଟ ୨୭ରେ ସୁବାସୀ ସଂରକ୍ଷିତ ଜଙ୍ଗଲରେ ଏକ ହାତୀର ମୃତ୍ୟୁ ଘଟିଥିଲା। ପରେ ଏହାର ଦାନ୍ତକୁ ଆଠଗଡ଼ ରେଞ୍ଜର ଆଏସା ଅଖାତାର ନିଶା ନିଜ ପାଖରେ ଲୁଚାଇ ରଖିଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବନବିଭାଗ ଗୁରୁତ୍ୱର ସହ ନେଇଥିଲା। ପରେ ଅନୁଗୋଳ ଆରସିସିଏଫ ଅକ୍ଷୟ କୁମାର ପଟ୍ଟନାୟକ ଏହାର ତଦନ୍ତ କରି ପ୍ରମାଣ ପାଇବା ପରେ ଆଠଗଡ ରେଞ୍ଜର ନିଶାଙ୍କୁ ୧୦ ଦିନ ତଳେ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ତେବେ ଘଟଣାର ୧୪ ମାସ ପରେ ନିଶା ଡିଏଫଓଙ୍କୁ ହାତୀଦାନ୍ତ ହସ୍ତାନ୍ତର କରିଥିଲେ। ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ବନଖଣ୍ଡ ଅଧିକାରୀଙ୍କୁ ପଚାରିବାରେ ହାତୀଦାନ୍ତ ସୁରକ୍ଷିତ ଥିବା ସେ କହିଥିଲେ ମଧ୍ୟ ଗଣମାଧ୍ୟମକୁ ଦେଖାଇବାକୁ ମନା କରିଥିଲେ। ଏହି ଘଟଣାରେ ବନବିଭାଗ ଉପରେ ଗଣମାଧ୍ୟମ ପ୍ରତିନିଧିମାନେ ସନ୍ଦେହ କରିଥିଲେ। ୭ ଦିନ ମଧ୍ୟରେ ଡିଏଫଓ ଖବରଦାତା ସମ୍ମିଳନୀ ଜରିଆରେ ଏ ସମ୍ପର୍କିତ ତଥ୍ୟ ଉପସ୍ଥାପନ ନ କଲେ ଆସନ୍ତା ଶୁକ୍ରବାରଠାରୁ ଡିଏଫଓ ଅଫିସ ଆଗରେ ଧାରଣା ଦେବାକୁ ସଂଘ ଚେତାବନୀ ଦେଇଛି।

### ମନୋଜ ଭି. ନାୟାର ନନ୍ଦନକାନନ ନିର୍ଦ୍ଦେଶକ

**ବାରଙ୍ଗ,୩।୧୨(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ନିର୍ଦ୍ଦେଶକ ବଦଳି ହୋଇଛନ୍ତି। ପୂର୍ବରୁ ଥିବା ମନୋଜ ମହାପାତ୍ରଙ୍କ ସ୍ଥାନରେ ୨୦୦୧ କ୍ୟାଡରର ଆଇଏଫ୍‌ଏସ୍ ଅଫିସର ମନୋଜ ଭି ନାୟାର ନୂତନ ନିର୍ଦ୍ଦେଶକ ହୋଇଛନ୍ତି। ନାୟାର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶୁକ୍ରବାର ନନ୍ଦନକାନନ ପରିଭ୍ରମଣ କରି ଫେରିଛନ୍ତି। ସେ ପୂର୍ବରୁ ୨୦୧୩ରୁ ୨୦୧୪ ଜୁନ ପର୍ଯ୍ୟନ୍ତ ୧ବର୍ଷ ପାଇଁ ନନ୍ଦନକାନନ ଉପନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ରହିଥିଲେ। ଏହାପରେ ଡେପୁଟେଶନରେ ଡେରାଡୁନ ଯାଇଥିଲେ। ତାଙ୍କର ପଦୋନ୍ନତି ପରେ ଏବେ ନନ୍ଦନକାନନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ବନ ସଂରକ୍ଷକ ମନୋଜ ମହାପାତ୍ର ନନ୍ଦନକାନନର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ଅଗଷ୍ଟରୁ ନଭେମ୍ବର ପର୍ଯ୍ୟନ୍ତ ରହିଥିଲେ।

## ବନ୍ଧୁକ ଦେଖାଇ ୨୦ ହଜାର, ଅଳଙ୍କାର ନେଇଗଲେ

**ବାରଙ୍ଗ,୩।୧୨(ଡି.ଏନ୍.ଏ.)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଟାଙ୍ଗିବନ୍ତ ଗ୍ରାମମୁଣ୍ଡରେ ଥିବା ଏକ ଘରୁ ଗୁରୁବାର ବିଳମ୍ବିତ ରାତିରେ ଡକାୟତି ହୋଇଛି। ଡକାୟତମାନେ ଘରର ତାଲାଭାଙ୍ଗି ଭିତରେ ପଶି ବନ୍ଧୁକ ଦେଖାଇ ଭୟଭୀତ କରି ୨୦ହଜାର ଟଙ୍କା, ହଳେ ସୁନା କାନଫୁଲ ନେଇଯାଇଛନ୍ତି। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ଶୁକ୍ରବାର ସକାଳେ ଆସି ନିକଟରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଢେଙ୍କାନାଳ ଅଞ୍ଚଳର ବିଜୟ କୁମାର ମିଶ୍ର ଗତ ୩ମାସ ହେବ ଟାଙ୍ଗିବନ୍ତ ଗ୍ରାମମୁଣ୍ଡ ସୁନାଦେଇ ରୋଡରେ ଶଶ୍ମାନ ପାଖରେ ଘରକରି ସପରିବାରେ ରହୁଥିଲେ। ଗୁରୁବାର ରାତିରେ ସପରିବାର ଖାଇସାରି ଶୋଇଥିବାବେଳେ ୪ଜଣ ଦୁର୍ବୃତ୍ତ ମୁଖ୍ୟଫାଟକର ତାଲାଭାଙ୍ଗି ଭିତରକୁ ପଶିଥିଲେ। କିଛି ଶବ୍ଦ ଶୁଣି ବିଜୟ ଓ ତାଙ୍କ ପରିବାର ଲୋକ ଉଠିଯିବାରୁ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ମାରିଦେବାକୁ ଭୟଭୀତ କରି ୨୦ହଜାର ଟଙ୍କା, କାନଫୁଲ ନେଇ ପଳାଇଯାଇଛନ୍ତି। ଶୁକ୍ରବାର ସକାଳେ ଖବରପାଇ ପୋଲିସ ଆସି ତଦନ୍ତ କରିଫେରିଛି। ଘରଠାରୁ କିଛିଦୂରରେ ଥିବା ଦୁଇଟି ସିସିଟିଭି ଯାଞ୍ଚ କରି ପୋଲିସ ଫୁଟେଜ ନେଇଛି। ଏହି ଫୁଟେଜରେ ୪ଜଣ ବ୍ୟକ୍ତି ପାଖାପାଖି ସାଢେ ୨ଟା ରାତିରେ ଯାଉଥିବାର ଜଣାପଡିଛି।

## ବିଜେଡିର ମିଶ୍ରଣ ପର୍ବ

**ନିଶ୍ଚିନ୍ତକୋଇଲି/ବାଙ୍କୀ, ୩।୧୨(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ୨୬ ନଂ. ଜୋନ ଜିଲା ପରିଷଦ ସଭ୍ୟ ଜାହିର ମହମ୍ମଦ ଶୁକ୍ରବାର ନିଜ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ଏନେଇ ସୁକରପଡାସ୍ଥିତ ଡାକବଙ୍ଗଳାରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ଏହି ଅବସରରେ ବହୁ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ନିକଟରେ ଜାହିର ଭାଜପା ଛାଡ଼ିଥିଲେ। ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ବିଜେଡି ବ୍ଲକ ଉପସଭାପତି ଅଶୋକ ଓଝା, ଗିରିଶ ମହାପାତ୍ର, ଦେବେନ୍ଦ୍ର ସାହୁ ଓ ଜ୍ୟୋତି ପ୍ରକାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସେଠାରେ ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ପଞ୍ଚାୟତର ସୁନାଦେଇ ପାଟଣା ଡିଅର ସାହିର ନିରଞ୍ଜନ ସାହୁ, ଭାଗୀରଥି ସାହୁ, ଦୁଃଖୀଶ୍ୟାମ ସାହୁ, ସୁବାସ ବେହେରା, ରବି ବେହେରା ଓ ଅରୁଣ ଘଡେଇ ପ୍ରମୁଖ ବିଜେଡିରେ ଯୋଗଦେଇଛନ୍ତି। ବିଧାୟକ ତ୍ରିପାଠୀ ଦଳୀୟ ଉତ୍ତରୀୟ ଦେଇ ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ପରିଷଦ ସଭ୍ୟ ପ୍ରଣବ ପଟେଲ ପରିଚାଳନା କରିଥିଲେ। ଦୀନବନ୍ଧୁ ଦେବତା ଓ ପୂର୍ବତନ ସରପଞ୍ଚ ବୈକୁଣ୍ଠ ମୁଦୁଲି ଏଥିରେ ସହଯୋଗ କରିଥିଲେ।

## ତମାଖୁ ମୁକ୍ତ ବିଦ୍ୟାଳୟ ପାଇଁ ସଚେତନତା

**ବାଙ୍କୀ, ୩।୧୨(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଡଁସର କୃଷକ ଉଚ୍ଚ ବିଦ୍ୟାଳୟ ଓ ବାଙ୍କୀ ଏନ୍‌ଏସି ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ତମାଖୁ ମୁକ୍ତ ବିଦ୍ୟାଳୟ ପାଇଁ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡା. ପୁଷ୍ପଲତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ଜନସମ୍ପ୍ରସାରଣ ଅଧିକାରୀ ଶାନ୍ତିଲତା ଦେଇ ଏହାକୁ ପରିଚାଳନା କରିଥିଲେ। ତମାଖୁ ସେବନ ଦ୍ୱାରା ହେଉଥିବା ରୋଗ ସମ୍ପର୍କରେ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଦେବାଶିଷ ହାଜରା ବୁଝାଇଥିଲେ।

## 'ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କର'

**କଟକ ଅଫିସ, ୩।୧୨**

ଟାଙ୍ଗୀସ୍ଥିତ ଡ୍ରିମ୍‌ସ କଲେଜ ଅଫ ଫିଜିଓଥେରାପି ଆନୁକୂଲ୍ୟରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦିବସର ସଫଳତା କାମନା କରି ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ପଦଯାତ୍ରାରେ ପଦ୍ମିନୀ କେୟାର ରିହାବ କେନ୍ଦ୍ରରୁ ବାହାରି ବଜାର ପରିକ୍ରମା କରିବା ସହ ଲୋକଙ୍କୁ ସଚେତନ କରିଥିଲେ। ସେହିପରି ପଦ୍ମିନୀ କେୟାର ହସ୍ପିଟାଲ ପରିସରରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଥିଲା। ଅଧକ୍ଷ ଡା. ବିଶ୍ୱଜିତ୍ କାନୁନ୍‌ଗୋଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା, ନିର୍ଦ୍ଦେଶକ ଲୋକନାଥ ବେହେରା, ଡା. ସାରଙ୍ଗଧର ଦାସ, ଦେବାଶିଷ ହୋତା, ରାଜେଶ ମହାନ୍ତି, ହିମାଂଶୁ ମିଶ୍ର, ଡା. ସ୍ୱାତୀ ସମୀକ୍ଷା ଦିବ୍ୟାଙ୍ଗମାନଙ୍କୁ ଚିକିତ୍ସା ଓ ସହାୟତା ପ୍ରଦାନ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଏଥିରେ ଡା. ମେହେବୁବ୍‌ଅଲ୍ଲୀ, ଶୁଭାଶିଷ ନାୟକ, ସୋନାଲି ସୌମ୍ୟାଶ୍ରୀ, ଅଙ୍କିତା ରାଉତ, ଡା. ଦୀପକ ମଲ୍ଲିକ, ପ୍ରାଧାପକ ବିନୁ ଜ୍ୟାଭିୟର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାନୁଷ୍ଠାନର ଉପାଧକ୍ଷ ଦୁର୍ଗାପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।



ଡ୍ରିମ୍ସସ୍ଥିତ ପଦ୍ମିନୀ କେୟାର ରିହାବ୍ କେନ୍ଦ୍ରଠାରେ ଦିବ୍ୟାଙ୍ଗଙ୍କ ସହ ଅନ୍ୟମାନେ।



କଟକ ଓଡ଼ିଆବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟଠାରେ ଶୁକ୍ରବାର ଏନ୍‌ଡିଆରଏଫ୍ ମୁଣ୍ଡଳୀ ପକ୍ଷରୁ ବମ୍‌ର ଅନୁସନ୍ଧାନ ସହ ନିଷ୍କ୍ରିୟ କରିବା ପାଇଁ ଅନୁଷ୍ଠିତ ମକ୍‌ଡ୍ରିଲ।

## ନିଶା ବେପାରୀ ଟକ୍‌ଲୁ ରାଜାଙ୍କ ୨ କୋଟିର ସମ୍ପତ୍ତି ବାଜ୍ୟାପ୍ତ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ଗିରଫ ହୋଇ ଜେଲରେ ଥିବା ବାଲେଶ୍ୱରର ବ୍ରାଉନସୁଗାର ବେପାରୀ ସେକ୍ ସମିର୍‌ଉଦ୍ଦିନ ଓରଫ ଟକ୍‌ଲୁ ରାଜାଙ୍କ ୨ କୋଟିର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଛି। ଏନେଇ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଶୁକ୍ରବାର ସୂଚନା ଦେଇଛି। ବାଜ୍ୟାପ୍ତି ସମ୍ପତ୍ତିରେ ୧୧ଟି ପ୍ଲଟ ଓ ବ୍ୟାଙ୍କ ଜମା ରାଶି ରହିଛି। ଜବତ ସମ୍ପତ୍ତିକୁ ବାଜ୍ୟାପ୍ତି ପାଇଁ କୋଲକାତାସ୍ଥିତ ଏନ୍‌ଡିପିଏସ୍ ଶାଖା ଅନୁମତି ପ୍ରଦାନ କରିବା ପରେ ଏସ୍‌ଟିଏଫ୍ ଏହାକୁ କାର୍ଯ୍ୟକାରୀ କରିଛି।



ଟକ୍‌ଲୁ ରାଜା

ସୂଚନା ଅନୁଯାୟୀ, ଅଭିଯୁକ୍ତ ଟକ୍‌ଲୁ ରାଜା ରାଜ୍ୟ ବାହାରୁ ବ୍ରାଉନସୁଗାର ଆଣି ଓଡିଶାର ଭୁବନେଶ୍ୱର, ଭଦ୍ରକ, ପୁରୀ ଆଦି ବିଭିନ୍ନ ସହରରେ ଥିବା ଏଜେଣ୍ଟଙ୍କୁ ବିକ୍ରି କରୁଥିଲେ। ଧରା ନ ପଡ଼ିବା ପାଇଁ ସେ ୫୦ରୁ ଅଧିକ ସିମ୍ ବ୍ୟବହାର କରିବା ସହ ପାସ୍‌ପୋର୍ଟ କରି ବିଦେଶ ବୁଲୁଥିଲେ। ୨୦୨୦ ଫେବୃୟାରୀ ୨୩ରେ ବାଲେଶ୍ୱରର ସଞ୍ଜୀବ କୁମାର ଦେହୁରୀ ଓ ସେକ୍ ଆରୁଖ୍ ତାଙ୍କଠୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରରେ ବିକ୍ରି କରିବାକୁ ଆସିଥିଲେ। ବରମୁଣ୍ଡାସ୍ଥିତ ପେଟ୍ରୋଲ ଟାଙ୍କି ନିକଟରେ ଏସ୍‌ଟିଏଫ୍ ସେମାନଙ୍କୁ ଗିରଫ କରିବା ସହ ୪୦ ଲକ୍ଷ ଟଙ୍କାର ୪୦୫ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ପଚରାଉଚରା ପରେ ଏହି ର୍ୟାକେଟରେ ଟକ୍‌ଲୁ ରାଜାଙ୍କ ଲିଙ୍କ୍ ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଏସ୍‌ଟିଏଫ୍ ମାମଲା (ନଂ.୧୪ /୨୦) ରୁଜୁ କରି ତାଙ୍କୁ ଖୋଜୁଥିବା ଜାଣିବା ପରେ ଟକ୍‌ଲୁ ରାଜା ଫେରାର ହୋଇଯାଇଥିଲେ। ଶେଷରେ ଗତ ମାର୍ଚ୍ଚ ୩୦ରେ ବାଲେଶ୍ୱର ଜିଲା କୋର୍ଟରେ ସେ ଆତ୍ମ ସମର୍ପଣ କରିଥିଲେ। ତେବେ ଏହି ମାମଲାର ତଦନ୍ତବେଳେ ସେ ବେଆଇନ ବ୍ରାଉନସୁଗାର କାରବାରରୁ ବିପୁଳ ସମ୍ପତ୍ତି କରିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ତଦନ୍ତ ପରେ ସମ୍ପତ୍ତି ବାଜ୍ୟାପ୍ତି ପାଇଁ କୋଲକାତାସ୍ଥିତ ଏନ୍‌ଡିପିଏସ୍ ଶାଖାକୁ ଚିଠି ଲେଖିଥିଲା।

